୬ ଲକ୍ଷ୍ନୌରେ ୪ଦିନିଆ ମ୍ୟାଚ୍ ପାଇଁ ଶ୍ରେୟସ ଆୟର ଅଧିନାୟକ ନିଯୁକ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୨ ● ସଂଖ୍ୟା–୨୨୦ ● ୭ ସେପ୍ଟେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-220 ● 7th September 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ସମ୍ବଲପୁରର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ପୀଠର ହେବ ଉନ୍ନତିକରଣ

ସମ୍ବଲପୁର/ଭୁବନେଶ୍ୱର, ୬।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ଶନିବାର ସମ୍ବଲପୁରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଆମ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଥିଲେ ।

ସମ୍ବଲପୁର ହେଉଛି ବୀରତ୍ୱର ମାଟି। ଏଣୁ ସମ୍ବଲପୁର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠ ଗୁଡିକର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଧାନ କେବଳ ଖାଦ୍ୟଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର ଫଳ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ। ସମ୍ବଲପୁର ପଶ୍ଚିମ ଓଡିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ। କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓଡିଶା ପାଇଁ ସ୍ୱତନ୍ତ୍ରତା ବହନ କରନ୍ତି ।




ନୂଆଁଖାଇ ହେଉଛି ଚାଷଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ । ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ। ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର। କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ। ଗତ ଏପ୍ରିଲ ୨୧ ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ। ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ତୁରନ୍ତ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା। ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବା ତାହା ନୁହେଁ, ଯଦି ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଂ ବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେଯେ ଆମ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିକ୍ଷାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ *(ପୃଷ୍ଠା ୭ରେ)*

# ୫୦ ବର୍ଷ ଧରି ଇସ୍କନ ଅଦିନିଆ 'ରଥଯାତ୍ରା' ଆୟୋଜନ କରିଆସୁଛି: ଗଜପତି ମହାରାଜା

ପୁରୀ, ୬।୯
ନ୍ୟୁଜ୍ ବ୍ୟୁରୋ

ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ। କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ। ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟକୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ଇସ୍କନ କର୍ତ୍ତୃପକ୍ଷଙ୍କୁ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି ଦେଖିବାକୁ ଅପେକ୍ଷା କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଶନିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି।

ସେ କହିଥିଲେ ୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ, ଭାରତ ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତ ବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଭାରତ ଭିତରେ ମଧ୍ୟ ଅସମୟରେ ଚଳିତ ବର୍ଷ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହିତ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି। ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜା ପରାମର୍ଶ ଦେଇଛନ୍ତି।



ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହିତ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି। କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ।

# ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ୍ ଦେଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ, ୬।୯

ଋଷିଆରୁ ତେଲ ନ କିଣିବା ପାଇଁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଛି। ଏଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଜରିମାନା ସ୍ୱରୂପ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଯାଇଥିଲା। ଏହା ସହିତ ଭାରତ ଉପରେ ଶୁଳ୍କ ଏବେ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏସବୁ ମଧ୍ୟରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଏକ ବଡ଼ ବୟାନ ଆସିଛି। ସେ କହିଛନ୍ତି ଯେ, ଭାରତ ଋଷିଆରୁ ଅଶୋଧିତ ତେଲ କିଣିବା ଜାରି ରଖିବ। ସେ ଏହା ମଧ୍ୟ କହିଛନ୍ତି ଯେ, ଶକ୍ତି ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ୱାର୍ଥ ଉପରେ ଆଧାରିତ। ଆମେ କ'ଣ କରିବୁ ନ କରିବୁ ସେ ନିଷ୍ପତ୍ତି ଆମର ବୋଲି ଅର୍ଥମନ୍ତ୍ରୀ ସିଧାସିଧା ପରୋକ୍ଷରେ ଟ୍ରମ୍ପଙ୍କୁ ଶୁଣାଇ ଦେଇଛନ୍ତି।




ସେ କହିଛନ୍ତି, ଭାରତ ରୁଷିଆଠାରୁ ତେଲ କିଣିବା ଜାରି ରଖିବ। ଆମକୁ ଆମର ଆବଶ୍ୟକତା ଅନୁସାରେ କେଉଁଠାରୁ ତେଲ କିଣିବା ନିଷ୍ପତ୍ତି ନେବାକୁ ପଡ଼ିବ ଏହି ନିଷ୍ପତ୍ତି ଦେଶର ସ୍ୱାର୍ଥ ଆଧାରରେ ନିଆଯିବ। ସେ ଆହୁରି ମଧ୍ୟ କହିଛନ୍ତି, 'ରୁଷିଆଠାରୁ ତେଲ କିଣିବା ବିଷୟରେ ହେଉ କିମ୍ବା ଅନ୍ୟ କିଛି... ଆମେ ଦର, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ଅନେକ ବିଷୟରେ ଆମର ଆବଶ୍ୟକତା ଅନୁସାରେ ନିଷ୍ପତ୍ତି ନେବୁ। ତେଲ କିଣିବା ବିଦେଶୀ ମୁଦ୍ରା ସହିତ ଜଡିତ, ତେଣୁ ଆମେ ଆମର ସୁବିଧା ଅନୁସାରେ ନିଷ୍ପତ୍ତି ନେବୁ। ଆମେ ନିଶ୍ଚିତ ଭାବରେ ଋଷିଆରୁ ତେଲ କିଣିବା ଜାରି ରଖିବୁ। ଅର୍ଥମନ୍ତ୍ରୀ କହିଛନ୍ତି, ଭାରତ ଅଶୋଧିତ ତେଲ ଆମଦାନୀରେ ସବୁଠାରୁ ଅଧିକ ଖର୍ଚ୍ଚ କରେ।

ଅର୍ଥମନ୍ତ୍ରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆଠାରୁ ତେଲ କିଣି ୟୁକ୍ରେନ ଉପରେ ରୁଷିଆ ଯୁଦ୍ଧକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରୁଛନ୍ତି। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଭଦ୍ରକରେ ବୈତରଣୀ ନଦୀର ଜଳସ୍ତର ବିପଦ ସୀମା ଟପିଲା।
- ସାଂସଦଙ୍କୁ ଡଲାର ବର୍ଷା; କେବଳ ଖାଲି ନୋଟ ନୁହେଁ, ସୁନା ମଧ୍ୟ ଥିଲା।
- ୭-ଫୁଟର ପାଇଥନ୍ କାର୍ଯ୍ୟାଳୟ ପରିସରରୁ ଉଦ୍ଧାର।
- ଖୋର୍ଦ୍ଧାରେ ୮ ମାସ ପରେ ଯୁବତୀଙ୍କର ଗଳିତ ଶବ ଉଦ୍ଧାର।
- ସମ୍ବଲପୁର ମହାନଗର ନିର୍ବାଚନ ଶୀଘ୍ର ହେବ: ରୋହିତ ପୂଜାରୀ।
- ମା'ସମଲେଶ୍ୱରୀ ମନ୍ଦିରରେ ଚନ୍ଦ୍ରଗ୍ରହଣରୁ ପୂଜା ପ୍ରଥାରେ ପରିବର୍ତ୍ତନ।
- ଶ୍ରୀଜଗନ୍ନାଥଙ୍କ ଦର୍ଶନ ୫ ଘଣ୍ଟା ପାଇଁ ବନ୍ଦ ରହିବ – ବାମନ ଜନ୍ମ ନୀତି।
- ରାଜା ରଘୁବଂଶୀ ହତ୍ୟା କାଣ୍ଡରେ ୭୯୦ ପୃଷ୍ଠାର ଚାର୍ଜସିଟ ଦାଖଲ।
- ମୁମ୍ବାଇରେ ବୋମା ଧମକ, ୧ କୋଟି ଲୋକ ଆତଙ୍କିତ।
- ଖରିଫ ଋତୁ ପାଇଁ ସରକାରୀ ସଚିବଙ୍କ ରସାୟନିକ ସାର ଉପଲବ୍ଧି ସମୀକ୍ଷା।
- ଓଡିଶାରେ ବଙ୍ଗଳା କହିବାରୁ ଜଣେ ପଶ୍ଚିମବଙ୍ଗୀ ଶ୍ରମିକ ଉପରେ ଆକ୍ରମଣ।
- ଭୁବନେଶ୍ୱର ବିମାନବନ୍ଦର ନିକଟରେ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଲଷ୍ଟର ପାଇଁ ୧୦୦୦ ଏକର ଜମି ଚିହ୍ନଟ।
- ଜିଏସ୍‌ଟି କମିବାରୁ ଓଡିଶାରେ ଘର ଦର କମିବ — ସିମେଣ୍ଟ, ଇସ୍ପାତ ଇତ୍ୟାଦିରେ କର କମିଲା।
- କଳାହାଣ୍ଡିରେ ସାର ପାଇଁ ଲମ୍ବା ଲାଇନ୍, ବରଗଡ଼ରେ ଆନ୍ଦୋଳନ।

## ସୁନା ଦର

୨୪ କ୍ୟାରଟ ସୁନା – ପ୍ରତି ଗ୍ରାମ ୧୦,୮୪୯ (+୮୭)
୨୨ କ୍ୟାରଟ ସୁନା – ପ୍ରତି ଗ୍ରାମ ୯,୯୪୫ (+୮୦)
୧୮ କ୍ୟାରଟ ସୁନା – ପ୍ରତି ଗ୍ରାମ ୮,୧୩୭ (+୬୫)

## ରୌପ୍ୟ ଦର

ରୌପ୍ୟ – ପ୍ରତି ଗ୍ରାମ ୧୩୮ (+୨)

# ମହାନଦୀ ଜଳବିବାଦ: ଆପୋଷ ସମାଧାନ ପାଇଁ ପକ୍ଷ ରଖିଲା ଓଡ଼ିଶା

ଭୁବନେଶ୍ୱର, ୬।୯
ନ୍ୟୁଜ୍ ବ୍ୟୁରୋ

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ନିଜର ପକ୍ଷ ରଖିଛି । କେନ୍ଦ୍ର ସରକାରଙ୍କ ସହଯୋଗରେ ମହାନଦୀ ଜଳବିବାଦ ଆପୋଷ ସମାଧାନ ପାଇଁ ଏବେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଦ୍ୱାରା ନିଆଯାଇଥିବା ସକରାତ୍ମକ ପଦକ୍ଷେପ ଏବଂ ଅଗଷ୍ଟ ୨ରୁ ଆଜିସୁଦ୍ଧା ଏଦିଗରେ ହୋଇଥିବା ଅଗ୍ରଗତି ନେଇ ମଧ୍ୟ ଟ୍ରିବ୍ୟୁନାଲଙ୍କୁ ଓଡ଼ିଶା ଅବଗତ କରାଇଥିବା ସୂଚନା ମିଳିଛି ।



ଶନିବାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିବା ସହ ଏହା ଏକ ରାଜନୈତିକ ବିବାଦ ହୋଇଥିବାରୁ ଏହାର ସମାଧାନ ମଧ୍ୟ ରାଜନୀତିକସ୍ତରରେ *(ପୃଷ୍ଠା ୭ରେ)*

# ଚନ୍ଦ୍ରଗ୍ରହଣ ପାଇଁ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି



ପୁରୀ, ୬।୯ : ନ୍ୟୁଜ୍ ବ୍ୟୁରୋ

ଚନ୍ଦ୍ରଗ୍ରହଣ ପାଇଁ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ପାଳନ ହେବ। ୧୨ଟା ୫୭ରେ ପାକ ତ୍ୟାଗ, ଦେବ ନୀତି ନିଷେଧ। ରାତି ୨ଟାରେ ଦ୍ୱାରଫିଟା ନୀତି ପରେ ଅନ୍ୟାନ୍ୟ ନୀତିକାନ୍ତି ଆରମ୍ଭ କରାଯିବ।

୭ ତାରିଖ ତଥା ଭାଦ୍ରବ ପୂର୍ଣ୍ଣିମାରେ ପ୍ରଥମ ଚନ୍ଦ୍ରଗ୍ରହଣ ପଡୁଥିବା ବେଳେ ଆସନ୍ତାବର୍ଷ ୨୦୨୬ ମାର୍ଚ୍ଚ ମାସରେ ଦୋଳପୂର୍ଣ୍ଣିମାନେ ଆଉ ଏକ ଚନ୍ଦ୍ରଗ୍ରହଣ ପଡୁଛି। ଯାହାକି ଭାରତରେ ଦେଖିବାକୁ ମିଳିବ। ଆସନ୍ତା ୬ ମାସ ଭିତରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଛି । ଯାହାକୁ ନେଇ ଶୁଭ-ଅଶୁଭର ଗଣନା କରୁଛନ୍ତି ଜ୍ୟୋତିର୍ବିଦ ।

ଏହି ଦୁଇଟି ଯାକ ଚନ୍ଦ୍ରଗ୍ରହଣ ବଡ଼ ବଡ଼ ପର୍ବ ତଥା ମହାପ୍ରଭୁ *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କ ସକାରାତ୍ମକ ମନୋଭାବକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସକାରାତ୍ମକ ମନୋଭାବକୁ ପ୍ରଶଂସା କରିଛନ୍ତି। ସେ ଏକ୍ସ-ପୋଷ୍ଟରେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, 'ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ହୃଦୟର ସହିତ ପ୍ରଶଂସା କରନ୍ତି ଏବଂ ପୂର୍ଣ୍ଣ ସମର୍ଥନ କରନ୍ତି। ଭାରତ ଏବଂ ଆମେରିକାର ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟାପକ ଏବଂ ବିଶ୍ୱ ରଣନୈତିକ ସହଭାଗୀତା ରହିଛି।



ପୂର୍ବରୁ ପ୍ରସାରିତ ଏକ ଖବର ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ଆମେରିକା ସମ୍ପର୍କକୁ ଏକ ଅତ୍ୟନ୍ତ ବିଶେଷ ସମ୍ପର୍କ ଭାବରେ ବର୍ଣ୍ଣନା କରିଥିଲେ। ସେ ଖୋଲାଖୋଲି ଭାବରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର *(ପୃଷ୍ଠା ୭ରେ)*

# ସାଇନ୍ସ ସିଟି ନିର୍ମାଣ ପାଇଁ ନିଆଯିବ ପରାମର୍ଶ: ମନ୍ତ୍ରୀ

ଭୁବନେଶ୍ୱର, ୬।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏଥିନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରିଛନ୍ତି । ଗତ ସପ୍ତାହରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିହାର ଗସ୍ତ କରି ପାଟନା ସ୍ଥିତ ଡକ୍ଟର ଏପିଜେ *(ପୃଷ୍ଠା ୭ରେ)*

# ସତ ହେବାକୁ ଯାଉଛି 'ହୁ'ର ଭବିଷ୍ୟବାଣୀ ! ଫେରିଲା ୭୩ବର୍ଷ ତଳର ଭାଇରସ



ନୂଆଦିଲ୍ଲୀ, ୬।୯

ପ୍ରାୟ ୨୦ବର୍ଷ ପୂର୍ବେ ସାରା ବିଶ୍ୱରେ ତାଣ୍ଡବ ରଚିଥିବା ଏକ ଭାଇରସ୍ ପୁଣି ଥରେ ଫେରିଛି। ଏହି ଭାଇରସର ନାମ ଚିକୁନଗୁନିଆ । ଗତ କିଛି ମାସ ମଧ୍ୟରେ ଲାରିୟୁନିଅନ୍, ମାୟୋଟ୍ ଏବଂ ମରିସସ୍ ଭଳି ଦ୍ୱୀପପୁଞ୍ଜରୁ ମୋଡାଗାସ୍କର, ସୋମାଲିଆ ଏବଂ କେନିଆ ଭଳି ଆଫ୍ରିକୀୟ ଦେଶଗୁଡିକୁ ଚିକୁନଗୁନିଆ ଭାଇରସ୍ ବ୍ୟାପିଛି। ଏବେ ଏହା ଚୀନରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଚୀନର ଗ୍ୱାଙ୍ଗଡୋଙ୍ଗ ପ୍ରଦେଶରେ ମଶା ବାହିତ ଚିକୁନଗୁନିଆ ଭାଇରସ୍ ର ୭ହଜାରରୁ ଅଧିକ ମାମଲା ରିପୋର୍ଟ ହୋଇଛି। ଏହି ଭାଇରସ୍‌କୁ ମହାମାରୀ ହେବାରୁ ରୋକିବା ପାଇଁ ଚୀନରେ ମଶା ମୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। ଯାହା ଚିକୁନଗୁନିଆ ବ୍ୟାପୁଥିବା ମଶାଙ୍କୁ ନିପାତ କରିପାରିବ। ଚୀନ୍ ପ୍ରଦେଶର ସମସ୍ତ ଲୋକଙ୍କୁ ସେମାନଙ୍କ ଘରେ ଜମା ହୋଇଥିବା ପାଣିକୁ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି ନକରିଲେ ୧ଲକ୍ଷ ଟଙ୍କାରୁ ଅଧିକ ଜରିମାନା ଦେବାକୁ ମଧ୍ୟ ଚେତାବନୀ ଦିଆଯାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗତ ମାସରେ ଚେତାବନୀ ଦେଇଥିଲା ଯେ ଚିକୁନଗୁନିଆ ଏସୀୟ ଦେଶରୁ ୟୁରୋପ ପର୍ଯ୍ୟନ୍ତ ବିନାଶ ଆଣିପାରେ। ବର୍ତ୍ତମାନ ଏସିଆ ଏବଂ ୟୁରୋପର ଅନେକ ଦେଶରେ ଏହାର ମାମଲା ନିରନ୍ତର ବୃଦ୍ଧି *(ପୃଷ୍ଠା ୭ରେ)*

# ଏଫଏମ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିଶନରେଟ ପୋଲିସ

ଭୁବନେଶ୍ୱର, ୬।୯
ନ୍ୟୁଜ୍ ବ୍ୟୁରୋ

ଏଫଏମ ଦ୍ୱାରା ଟ୍ରାଫିକ ଅପଡେଟ୍ ଦେବ କମିଶନରେଟ ପୋଲିସ । ସମସ୍ତ ଏଫଏମ ଚ୍ୟାନେଲ ସହ କଥା ହୋଇଛି କମିଶନରେଟ ପୋଲିସ । ଟ୍ରାଫିକ ପୋଲିସ ସହ ସେମାନେ ମିଶିକି କାମ କରିବେ । ଆଗରୁ ଏହିଭଳି ଏଫଏମ ଦ୍ୱାରା ସୂଚନା ଦିଆଯାଉଥିଲା । ତାହା ଡ଼ିସକଣ୍ଟିନ୍ୟୁ ହୋଇଥିଲା। କିନ୍ତୁ ଏବେ ଏହାକୁ ପୁଣି ଥରେ ଆରମ୍ଭ କରିଛି କମିଶନରେଟ ପୋଲିସ । ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଏଭଳି ପଦକ୍ଷେପ ନେଇଛି ପୋଲିସ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



କମିଶନରେଟ ପୋଲିସ ରାଜଧାନୀର ସମସ୍ତ ନାଗରିକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କମିଶନରେଟ ପୋଲିସ ବିଭିନ୍ନ ପଦକ୍ଷେପ ନେଉଛି । ଆତ୍ମହତ୍ୟାକୁ ରୋକିବା ପାଇଁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ର ଛାତ୍ରୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଉଛି । ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟ ହଷ୍ଟେଲ ଏବଂ କ୍ୟାମ୍ପସରେ ଲଗାଯିବ । ରାଗିଂ କିମ୍ବା କୌଣସି ଅସୁବିଧାରେ ସମ୍ମୁଖୀନ *(ପୃଷ୍ଠା ୭ରେ)*

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୦୭ ସେପ୍ଟେମ୍ବର, ରବିବାର ୨୦୨୫






# କୂଳ ଖାଉଛି କୁକୁରକଟା ନଦୀ : ଚିନ୍ତାରେ ଚାଷୀ

**ପାଟଣା, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ କାଳିମାଟିଠାରୁ ଗଦାଧରପୁର , ନିଳବିଲା ,କୁଣ୍ଡାପିଠା ଦେଇ ବୈତରଣୀରେ ମିଶିଛି କୁକୁର କଟା ନଦୀ। ଏହି କୁକୁର କଟା ନଦୀ ବୈତରଣୀର ଗୋଟିଏ ଉପନଦୀ। ଏହି ନଦୀ ଏବେ ନଳବିଲା,ଗିଧିବସା ଗ୍ରାମର ନଦୀ କୂଳରେ ଥିବା ଚାଷଜମି କୂଳ ଖାଇ ସାରିଲାଣି। ଗାଁର ଲୋକମାନେ ପ୍ରାୟତଃ ଚାଷ ଉପରେ ହିଁ ନିର୍ଭରଶୀଳ। କୁକୁର କଟା ନଦୀର ନଳବିଲାଠାରେ ଏକ ବାଙ୍କ ରହିଥିବାରୁ ପାଣିର ପ୍ରଖର ସ୍ରୋତ ଚାଷ ଜମିର କୂଳ ଖାଇଥାଏ। ନଦୀ କୂଳରେ ଏକର ଏକର ଚାଷୀଙ୍କ ଚାଷଜମି ରହିଥିବାରୁ ଚାଷୀଭାଇ ଏବେ ଚିନ୍ତାରେ। ସରକାରଙ୍କ ବହୁ ଯୋଜନା ରହିଥିବା ବେଳେ ନଳବିଲା,ଗିଧିବସା ଗାଁ ପାଇଁ ଯୋଜନା ଅପହଞ୍ଚ ହୋଇ ଯାଇଛି। ନଳବିଲାଠାରେ ଚେକ୍ ଡ୍ୟାମ ଏବଂ କଂକ୍ରିଟ ପିଲର ସହ ପଥର ପେଚିଂ ପାଇଁ ପାଖାପାଖି ୩୦ ବର୍ଷ ପୂର୍ବରୁ ସର୍ଭେ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଇ ନାହାନ୍ତି ବିଭାଗୀୟ ଅଧିକାରୀ।

କୁକୁର କଟା ନଦୀରେ ବହୁ ଜାଗାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ଚେକ୍ ଡ୍ୟାମ କରାଯାଇଛି। କିନ୍ତୁ ଯେଉଁଠାରେ ନିହାତି ଚେକ୍ଡ୍ୟାମର ଆବଶ୍ୟକତା ଥିଲା ସେଠାରେ ତିଆରି ହୋଇପାରିନାହିଁ। ନଳବିଲା ସୀମାର ଚାଷଜମି କ୍ଷତିଗ୍ରସ୍ତ ହୋଇ କେଉଁ ଜାଗାରେ ଚାଷ ଜମି ଧୋଇ ଗଲାଣି ତ ଆଉ କେଉଁ ଜାଗାରେ ଚାଷଜମି କୂଳ ଖାଇବା ପାଇଁ ପ୍ରସ୍ତୁତ ହେଲାଣି। ଉପରେ ମୁଣ୍ଡରେ ବଡଜାମୁପଶିଠାରେ ରହିଛି ଏକ ଚେକ୍ ଡ୍ୟାମ , ଯାହା ଫଳରେ ନଳବିଲା ତଳ ମୁଣ୍ଡରେ ଥିବାରୁ ଏହି ଜାଗାରେ ବର୍ଷା ଦିନରେ ଅଧିକ କୂଳ ଖାଇ ଯାଉଛି ବୋଲି ସ୍ଥାନୀୟ ନଳବିଲା ଗ୍ରାମର ଚାଷୀମାନେ କହିଛନ୍ତି। ଏହି ଦୁଇ ଗାଁର ଚାଷୀ ବର୍ଷ ସାରା ନଦୀ କୂଳରେ ଧାନ ପନିପରିବା ଚାଷ କରି ବଜାରରେ ବିକ୍ରି କରି କିଛି ଟଙ୍କା ରୋଜଗାର କରି ବେଶ୍ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ବର୍ତ୍ତମାନ ପାଣି ବଢିରେ କୂଳ ଖାଇ ଯାଉଥିବା ବେଳେ ଚାଷୀଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି।

ନଦୀର ବାଙ୍କ ନିକଟରେ ବଡ଼ ବଡ଼ ଜମି କୂଳ ଖାଇଗଲାଣି। ଆଉ କିଛି ଜାଗାରେ ଜମି ଉପରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇଛି। ଯଥାଶୀଘ୍ର ରାଜ୍ୟ ସରକାର ପଦକ୍ଷେପ ନେଇ ନଳବିଲାଠାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ପଦକ୍ଷେପ ନନେଲେ ଚାଷୀଙ୍କ ଏକର ଏକର ଜମି ନଦୀରେ ମିଶିଯିବ। ବିଶେଷ କରି ବଡଜାମୁପଶି ଗ୍ରାମ ପଞ୍ଚାୟତର ନଳବିଲା ଗାଁର ଚାଷୀମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବାବେଳେ, ଗିଧିବସା , କୁଣ୍ଡାପିଠାର ଚାଷୀ ମଧ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇ ଚାଷଜମି ହରାଇବେ। ତେଣୁ ଯଥାଶୀଘ୍ର ସରକାର ପଦକ୍ଷେପ ନେଇ କାମ ଆରମ୍ଭ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ପୁରୀ ଷ୍ଟେସନ ନିକଟରୁ ବ୍ରାଉନସୁଗାର ଜବତ : ଜଣେ ଗିରଫ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଷ୍ଟେସନ ନିକଟ ତାରିଣୀ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ସମୟରେ କୁମ୍ଭାରପଡା ପୋଲିସ ଖବର ପାଇ ଅଭିଯୁକ୍ତକୁ ଧରିଥିଲେ। ମାଜିଷ୍ଟ୍ରେଟ ସୁଚିତ୍ରା ମାଝିଙ୍କ ଉପସ୍ଥିତରେ ଏହି ବ୍ରାଉନସୁଗାରକୁ ଜବତ କରାଯାଇ ଥିଲା। ୧୩.୪୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧ ଲକ୍ଷ ୩୫ ହଜାର ଟଙ୍କା। ଏ ସଂପର୍କରେ ଥାନାରେ କେସ ନମ୍ବର ୪୦୧/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଆଶୁତୋଷ ବେହେରା (୩୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କୁମ୍ଭାରପଡ଼ା ଥାନା ପୋଲିସ ସକାଳ ୯ଟା ରେ ପାଟ୍ରୋଲିଂ କରୁଥିବା ବେଳ ଏହି ଘଟଣା ନଜରକୁ ଆସିଥିଲା। ଆଶୁତୋଷ ଠାରୁ ବ୍ରାଉନ ସୁଗାର ସମେତ ୨୫୦ ଟଙ୍କା ଓ ଗୋଟିଏ ଡିଜିଟାଲ ଓଜନ ଯନ୍ତ୍ର ପୋଲିସ ସିଜ କରିଛି। ଏହି ବ୍ରାଉନସୁଗାର ଖୋର୍ଦ୍ଧାରୁ ଆଣିଥିବା ସେ ମାନିଥିଲା। ତା' ନାମରେ କୁମ୍ଭାରପଡା ଓ ବ୍ରହ୍ମଗିରି ଥାନାରେ ମାମଲା ରହିଥିବା ଜଣାପଡିଛି।

# ମୋଟୁ ତହସିଲ ଅଞ୍ଚଳରେ ସକ୍ରିୟ ବାଲି ମାଫିଆ ନଦୀ ତଟରେ ଗଚ୍ଛିତ ହୋଇଛି ଗଦା ଗଦା ବାଲି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ସାଙ୍ଗକୁ ଉଭୟ ନଦୀର ତଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସରକାରୀ ବାବୁଙ୍କ ଦୃଷ୍ଟି ଆଢୁଆଳରୁ ବର୍ତ୍ତୀ ରହିଥିବା ମାଲକାନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ କୁଟୁମପଲ୍ଲୀ ଅଞ୍ଚଳରେ ଚାଲିଛି ବାଲି ମାଫିଆଙ୍କ ରାଜ! ଗ୍ରାମ ନିକଟସ୍ଥ ନଦୀ ଘାଟରୁ ଲୋଡ୍ ଲୋଡ୍ ବାଲି ବେଆଇନ ଭାବେ ଚାଲାଣ କରାଯାଉଥିବା ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଶାବେରୀ ନଦୀ ଠାରୁ ମାତ୍ର କେଇ ମିଟର ଦୂରରେ ରହିଥିବା ବିସ୍ତିର୍ଣ୍ଣ ବାଲିକୁ ଟ୍ରାକ୍ଟର ସାହାଯ୍ୟରେ ଲୋଡ୍ କରି ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ କିଛି ଚାଲାଣକାରୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ନଦୀ ତଟରେ ଥିବା ଜଙ୍ଗଲରେ ମଧ୍ୟ ଲୋଡ୍ ଲୋଡ୍ ବାଲି ଗଚ୍ଛିତ ରଖିଛନ୍ତି। ସୂଚନା ମୁତାବକ ମାଲାକନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ଏମପିଭି ୫୪ ଓ କୁଟୁମପଲ୍ଲୀ ଗ୍ରାମ ନଦୀ ତଟକୁ ଯାଉଥିବା ରାସ୍ତା ଦେଇ କୁଟୁମପଲ୍ଲୀ ନଦୀ କୂଳରୁ ଦୈନିକ ଟ୍ରାକ୍ଟର ଯୋଗେ ଏହି ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏଥିସହ ନଦୀ ଘାଟରୁ ବାଲି ବୋହି ନଦୀ ତଟରେ ଥିବା ଜଙ୍ଗଲରେ ରଖି ଆବଶ୍ୟକ ମୁତାବକ କାମରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏହି ସ୍ଥାନରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ଏହାର ସୁଯୋଗ ନେଇ ବେଆଇନ ଚାଲାଣକାରୀମାନେ ସକ୍ରିୟ ଭାବେ ଏଠାରୁ ବାଲି ଚାଲାଣ କରୁଛନ୍ତି। ଘାଟରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଏ ନେଇ ମୋଟୁ ତହସିଲଦାରଙ୍କ ସହ ଆଲୋଚନା କରିବାରୁ ସେ ଏ ବାବଦରେ ଜାଣି ନ ଥିବା ବେଳେ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ବିଲ୍ଡିଂରେ ଫାଟ : ତଦନ୍ତ ନିର୍ଦ୍ଦେଶ ଦେଲେ ବାଙ୍ଗିରିପୋଷି ବିଧାୟିକା

**ମୟୂରଭଞ୍ଜ, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ସ୍ଥିତ ଜାମଦାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଶାମାଖୁଣ୍ଟା ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ। ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ରାସ୍ତା ଓ ନିର୍ମାଣ ବିଭାଗ, ଶିକ୍ଷା ବିଭାଗ, ପୁଲିସ ବିଭାଗ ପ୍ରମୁଖ ସାମିଲ ରହିଥିଲେ। ମାତ୍ର ଅଳ୍ପ ମାସ ମଧ୍ୟରେ କାର୍ଯ୍ୟ ସରିଥିବା ବିଦ୍ୟାଳୟ ବିଲ୍ଡିଂ ଗୁଡ଼ିକରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଦେଖିବା ସହ ସ୍ଥାନେ ସ୍ଥାନେ ଫାଟ ଥିବା ମଧ୍ୟ ଦେଖିବାକୁ ପାଇଥିଲେ ବିଧାୟିକା ସଞ୍ଜଲୀ। ଏପରିକି କେତେକ ସ୍ଥାନରେ ଛାତ ଗୁଡିକରୁ ପାଣି ଗଳୁଥିବା ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ବିଦ୍ୟାଳୟ ଓ ଶହେ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଗୁଡ଼ିକରେ ଅଧିକ ଲାଭ ପାଇବା ଆଶାରେ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଛନ୍ତି। ଯାହାପାଇଁ ନିଜର ଅସନ୍ତୋଷ ଜାହିର କରିଥିଲେ ବିଧାୟିକା। ସବୁଠାରୁ ବଡ଼ କଥା ହେଲା ଦୁଇଟି ଯାକ ବିଦ୍ୟାଳୟରେ କାର୍ଯ୍ୟ କରିଥିବା ଠିକାଦାର ଜଣକ ହେଉଛନ୍ତି ଗୋବିନ୍ଦ ସାହୁ। ଉକ୍ତ ଠିକାଦାରଙ୍କ ବିରୋଧରେ ପୂର୍ବରୁ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ତାଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେବା ବିଭାଗୀୟ ଅଧିକାରୀମାନଙ୍କ ସହ ମଧ୍ୟ ଚନ୍ଦ୍ରିକାକୁ ମଧ୍ୟ ପଦାରେ ପକାଇ ଦେଇଛି। ଅନ୍ୟପକ୍ଷେ ଏହାର ପ୍ରତିକାର ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ବିଧାୟିକା ସଞ୍ଜଲୀ ମୁର୍ମୁ ନିର୍ଦ୍ଦେଶ ଦେଇଥିବାବେଳେ ଛୋଟ କୋମଳମତି ଛାତ୍ରଛାତ୍ରୀମାନଙ୍କ ଜୀବନ ସହ ଖେଳିବାକୁ ପଛାଉ ନଥିବା ସମ୍ପୃକ୍ତ ଠିକାଦାରଙ୍କୁ ବ୍ଲାକ ଲିଷ୍ଟ କରିବାକୁ ଅଞ୍ଚଳବାସୀଙ୍କ ସମେତ ଅଭିଭାବକ ମହଲରେ ଦାବି ହେଉଛି।

# ସାର ବଣ୍ଟନରେ ଅନିୟମିତତା ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ଚାଷୀ। ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର। ମାଲକାନଗିରି ଜିଲ୍ଲା କାଲିମେଳା ଲାମ୍ପ୍‌ରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଲିମେଳା ବ୍ଲକର ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡ଼ିବସିଥିଲେ। ସେପଟେ କଳା ବଜାରରେ ୟୁରିଆ ସାରର ଦାମ୍ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ବର୍ତ୍ତମାନ ଧାନ ଫସଲରେ ଡିଏପି ଏବଂ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି। ତେବେ ଖବର ପାଇ ଘଟଣା ସ୍ଥଳରେ କାଲିମେଳା ଥାନା ପୋଲିସ୍ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିବା ଜଣାପଡ଼ିଛି।

# ବର୍ଷେ ନ ଯାଉଣୁ ଭାଙ୍ଗିଗଲାଣି ପଇଦା ପାଟଣା ଲକ୍ଷ୍ମୀ ବସଷ୍ଟପ୍

**ପାଟଣା, ନ୍ୟୁଜ୍ ବ୍ୟୁରୋ**




ଘଟଗାଁ ବ୍ଲକ ପଇଦାପାଟଣା ଗ୍ରାମ ପଞ୍ଚାୟତର ପଇଦା ପାଟଣା ଗ୍ରାମର ଫୁଟବଲ ପଡ଼ିଆ ନିକଟରେ ୫,୩୨,୦୦୦ (ପାଞ୍ଚ ଲକ୍ଷ ବତିଶି ହଜାର) ଟଙ୍କା ବ୍ୟୟରେ ତିଆରି ହୋଇଥିବା ଲକ୍ଷ୍ମୀ ବସଷ୍ଟପ୍ ବିପଦ ସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି। ଦୁଃଖର ବିଷୟ ବର୍ଷେ ନ ଯାଉଣୁ ବସ୍‌ଷ୍ଟପ୍‌ଟିର ଉପର ଛାତ ଫାଟି ତଳେ ପଡ଼ିଯିବା ସହ ବସିବା ପାଇଁ ଥିବା ପିଣ୍ଡି ଭାଙ୍ଗିଗଲାଣି। ପିଣ୍ଡିର ପଛ ସମ୍ପୂର୍ଣ୍ଣ ଛାଡ଼ି ଯାଇଥିବାରୁ କେତେବେଳେ କାହା ଉପରେ ବିପଦ ସୃଷ୍ଟି କରିବ ତାହା କହିବା କଷ୍ଟକର। ତା ସହ ତଳେ ପଡ଼ିଥିବା ଟାଇଲଗୁଡିକ ନିମ୍ନମାନର କାମ ଯୋଗୁଁ ମାଟି ଦବି ଯିବାରୁ ଭାଙ୍ଗି ରୁଜି ଚୁରମାର ହୋଇଗଲାଣି। ସାମ୍ନାରେ ପଡ଼ିଥିବା ଟାଇଲଗୁଡ଼ିକ ଦବି ଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଯଥାଶୀଘ୍ର ଏହାର ମରାମତି କରି ବସ୍ ଯାତ୍ରୀଙ୍କ ସୁବିଧା ସାଧାରଣରେ ଦାବି ହେଉଛି।

# ଗୁରୁଦିବସରୁ ଜିଲ୍ଲାବ୍ୟାପୀ ହେବ ଆନ୍ଦୋଳନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ଆନ୍ଦୋଳନ ଗୁରୁଦିବସ ଠାରୁ ଜିଲ୍ଲାବ୍ୟାପି ପ୍ରଦର୍ଶିତ କରାଯିବ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀର ବିକାଶ, ବନ୍ୟଜାତ ଦ୍ରବ୍ୟ ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ। ସ୍ଥାନୀୟ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେ ବାବଦରେ ଚଳଚ୍ଚିତ୍ର ମାଧ୍ୟମରେ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କରିଛନ୍ତି। ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ 'ଆନ୍ଦୋଳନ' ଚଳଚ୍ଚିତ୍ର ବିନା ଶୁଳ୍କରେ ଜିଲ୍ଲାବାସୀଙ୍କ ପାଖରେ ପହଞ୍ଚିବ। ଭଞ୍ଜସେନା ପକ୍ଷରୁ ଦୁଇଟି ଏଲ୍‌ଇଡି ଗାଡ଼ି ମାଧ୍ୟମରେ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଠାରୁ ୪ ଗୋଟି ଉପଖଣ୍ଡର ପ୍ରତି ବ୍ଲକ/ଏନ୍‌ଏସି/ପୌରପାଳିକା ଯାଇ ପ୍ରଦର୍ଶନ କରାଯିବ। ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ସର୍ବମୋଟ ୨୧ ଦିନ ପ୍ରଦର୍ଶନ ହେବ ବୋଲି ସ୍ଥିରୀକୃତ ହୋଇଛି ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଜୟ ଦୁର୍ଗା କ୍ଲବ୍‌ର ନୂଆଖାଇ ଭେଟ୍‌ଘାଟ



**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମପଞ୍ଚାୟତର କେରମେଲି ଗ୍ରାମ ଠାରେ ମହା ସମାରୋହରେ ଜୟଦୁର୍ଗା କ୍ଲବ୍ ଆନୁକୁଲ୍ୟରେ ନୂଆଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ଲୋକ ଯୋଗଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ ଅଞ୍ଚଳ ବିଭିନ୍ନ ଲୋକଗୀତ ସମ୍ବଲପୁରୀ ନୃତ୍ୟ ଓ ଆଧୁନିକ ଗୀତର ତାଳେ ତାଳେ ନାଚିଥିଲେ ଦର୍ଶକ । ପ୍ରଥମେ ଇଷ୍ଟଦେବୀ ମା' ମାହେଶ୍ୱରୀ ଦେବୀ, ଅଲେଖ ମହିମାଙ୍କୁ ପୂଜା ପ୍ରାର୍ଥନା କରି ଆଗାମୀ ବର୍ଷରେ ଆହୁରି ସୁଖ ସମୃଦ୍ଧି ସମସ୍ତଙ୍କୁ ଦିଅନ୍ତୁ କହି ନୂଆଖାଇ ଜୁହାର ଭେଟ ସମସ୍ତେ ସମସ୍ତଙ୍କୁ ଜଣାଇଥିଲେ । ଉପସ୍ଥିତ ଅତିଥି ବୃନ୍ଦ ସମସ୍ତଙ୍କ ଏକତା ନିହାତି ଜରୁରୀ ଏକ ସୁସ୍ଥ ଗ୍ରାମ ଗଠନ କରିବା ପାଇଁ ଏବଂ ଆଜିର ଉପସ୍ଥିତି ଉଦାହରଣ ହୋଇରହିବ । ଅତିଥି ସରପଞ୍ଚ ଜନ୍ମଜୟ ମେହେର, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସମବାୟ ସମ୍ପାଦକ ପ୍ରମୋଦ କର୍ମୀ, ଦିଲୀପ ବର୍ଗେ, ଅଲିନା ମେହେର, ସୁବାସ ପଟେଲ, ପ୍ରଦ୍ୟୁମ୍ନ ମେହେର, ସୁରଥ କର୍ମୀ, ଘୁଣ୍ଡୁଗୋପାଳ ପଧାନ ପ୍ରମୁଖ ଯୋଗଦେଇଥିଲେ । ଲକ୍ଷ୍ମୀକାନ୍ତ ସାହୁ ଓ ଜୟକୁମାର ମେହେର ମଞ୍ଚ ପରିଚାଳନା କରିଥିଲେ ଏବଂ ସଭାପତି ଡୋଳାମଣି ପଧାନ, ସମ୍ପାଦକ ହୃଷୀକେଶ ମେହେର, ଉପସଭାପତି ପଦାର୍ଥ ଭୁଏ, ହେମନ୍ତ ପଧାନ, ଉମାକାନ୍ତ ସାହୁ, ରମାକାନ୍ତ ପୋଢ଼, ସିଦ୍ଧେଶ୍ୱର କର୍ମୀ, ରବୀନ୍ଦ୍ର କର୍ମୀ, ରମେଶ ମାହାର, ଫଗନୁ କର୍ମୀ ପ୍ରମୁଖ ଆୟୋଜନ କରିଥିଲେ।

## ଜିଲ୍ଲା ପ୍ରଦୂଷଣ ବୋର୍ଡର ଅନୁମତି ପତ୍ର ମିଳିବାରେ ବିଳମ୍ବ

# ଖୋଲି ପାରୁନି ଜିଲ୍ଲାର ପ୍ରଥମ ସରକାରୀ ଗୋ-ଶାଳା

**ପାଟଣା, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲା ପ୍ରଦୂଷଣ ବୋର୍ଡର ଅନୁମତି ପତ୍ର ମିଳିବାରେ ବିଳମ୍ବ ହେତୁ ଜିଲ୍ଲାର ଏକମାତ୍ର ସରକାରୀ ଗୋ'ଶାଳା ଖୋଲିବାରେ ବିଳମ୍ବ ହୋଇଛି। ଯାହାଫଳରେ ପାଖରେ ଗୋ'ଶାଳା ଥାଇ ମଧ୍ୟ ଘଟଗାଁ ଓ ପାଟଣା ପୋଲିସ ଜବତ କରୁଥିବା ଗୋରୁ ଗୁଡ଼ିକୁ ପୁଲିସ ଅର୍ଥ ଶ୍ରାଦ୍ଧ କରି ମୟୂରଭଞ୍ଜ ଜିଲ୍ଲାର ଗୋ-ଶାଳାକୁ ପଠାଉଛି। ଏପରି ଅବସ୍ଥା ସୃଷ୍ଟି ହୋଇଛି ଘଟଗାଁ ବ୍ଲକ ମେଲାଣରେ ସରକାରୀ ସାହାଯ୍ୟରେ ନିର୍ମିତ ହୋଇଥିବା ଗୋ-ମାତା ସେବା ଆଶ୍ରମ ଗୋଶଳା କ୍ଷେତ୍ରରେ। ଏହି ଗୋ-ଶାଳାର ନିର୍ମାଣ କାମ ୨୦୨୪ରୁ ସରିବା ସହ ଏହାର ଅଲୋକୀକରଣ ଓ ଆନୁଷଙ୍ଗିକ କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି।

ଏହି ଗୋ - ଶାଳାକୁ ଚଳାଇବା ପାଇଁ ବିଭାଗୀୟ ଅନୁମତି ପତ୍ର ପାଇଁ ଗତ ନଭେମ୍ବର - ୨୦୨୪ରୁ ଆବେଦନ କରାଯାଇଛି। ଏ ନେଇ ଗ୍ରାମବାସୀ ଏବଂ ପଞ୍ଚାୟତ ପକ୍ଷରୁ ମଧ୍ୟ ପ୍ରଦୂଷଣ ବୋର୍ଡକୁ ପତ୍ର ଲେଖା ଯାଇଛି। ଏହା ସତ୍ତ୍ୱେ ରାଜ୍ୟ ପ୍ରଦୂଷଣ ବୋର୍ଡ ମଣ୍ଡଳ ଅଧିକାରୀ କେନ୍ଦୁଝର ପକ୍ଷରୁ ଆଜି ପର୍ଯ୍ୟନ୍ତ ଅନୁମତି ପତ୍ର ପ୍ରଦାନ କରାଯାଇନାହିଁ। ଯାହା ଫଳରେ ଗୋ-ଶାଳା ଖୋଲାଯିବା ଆଇନାନୁଯାୟୀ ସମ୍ଭବ ହୋଇପାରୁ ନାହିଁ। ଜିଲ୍ଲାର ଅନ୍ୟତ୍ର ଅପରିଷ୍କାର ପରିବେଶରେ ଦୟନୀୟ ଭାବେ ଗୋରୁଙ୍କୁ ରଖାଯାଉ ଥିବାବେଳେ ମେଲାଣ ଗୋ-ଶାଳାକୁ ଆଜି ପର୍ଯ୍ୟନ୍ତ ଚଳାଇବା ଅନୁମତି ପତ୍ର ନମିଳିବା ପଛରେ ଜିଲ୍ଲା ପ୍ରଦୂଷଣ ବୋର୍ଡର ଦାୟିତ୍ୱହୀନତାକୁ ନେଇ ମେଲାଣବାସୀ ପ୍ରଶ୍ନ ଉଠାଇଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

## ଗଞ୍ଜାମ ଜିଲ୍ଲାରେ ସାରର ଘୋର ଅଭାବ : ଚାଷୀଙ୍କ ଅସନ୍ତୋଷ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଧାନ ରୁଆ ବେଉଷଣ ସରିଛି। ବର୍ତ୍ତମାନ ଚାଷୀଙ୍କୁ ସାର ବ୍ୟାପକ ଆବଶ୍ୟକ ଥିବା ବେଳେ ସାର ନପାଇ ଚାଷୀ ହତାଶ ହୋଇଛନ୍ତି। ସକାଳୁ ସନ୍ଧ୍ୟା ଯାଏ ସେବା ସମବାୟ ସମିତି ଓ ଅନ୍ୟାନ୍ୟ ସାର ବିକ୍ରୟ କେନ୍ଦ୍ରରେ ଧାଡି ବାନ୍ଧି ଠିଆହୋଇ ନିରାଶରେ ଘରକୁ ଫେରୁଛନ୍ତି। ସାର ଅଭାବରୁ ଧାନ ଫସଲ ଉଧେଇ ପାରୁନାହିଁ। ସାର ପାଇଁ ଚାଷୀ ମହଲରେ ହାହାକାର ସୃଷ୍ଟି ହୋଇଛି, ଚାଷୀ ମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ସାର ଅଭାବକୁ ନେଇ ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ସାରର କୃତ୍ରିମ ଅଭାବ ସୃଷ୍ଟି ହେଉଛି ବୋଲି ଚାଷୀମାନେ ଦାବି କରିଛନ୍ତି। କାରଣ ସାରର ନିର୍ଦ୍ଧାରିତ ଦରଠାରୁ ତିନିଗୁଣା ଅଧିକ ଦେଲେ ଚୋରାରେ ସାର ମିଳୁଛି। ସରକାର ଏହି କଳାବଜାରକୁ ରୋକି ପାରୁ ନଥିବା ଅଭିଯୋଗ ହେଉଛି।

# ଓଟିଏମ୍ ଶ୍ରମିକ ଆନ୍ଦୋଳନର ୨୦ ବର୍ଷ ପୂର୍ତ୍ତି ପାଳନ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବନ୍ଦ ଓଟିଏମ୍‌ର ପୁନରୁଦ୍ଧାର ଦାବିରେ ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନ କଲ୍ୟାଣ ସମିତି ତରଫରୁ ଗତ ୨୦୦୫ ମସିହା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ କରାଯାଇଥିବା ଦିବାରାତ୍ର ଧାରଣା ଓ ଆନ୍ଦୋଳନର ୨୦ ବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ଓଟିଏମ୍ ଶ୍ରମିକ ଓ ଜନସାଧାରଣଙ୍କ ପ୍ରତିନିଧିମାନେ ବନ୍ଦ ଓଟିଏମ୍ ଗେଟ୍ ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନର ପ୍ରତୀକ ଲାଲ ପତାକା ଉତ୍ତୋଳନ କରିଥିଲେ। ଓଟିଏମ୍ ଭିତ୍ତିଭୂମିରେ ଓଟିଏମ୍‌ର ପୁର୍ନପ୍ରତିଷ୍ଠା ଓ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଦୀର୍ଘଦିନ ଧରି ଚାଲିଥିବାବେଳେ ଗତ ୨୦୨୪ ମସିହା ଫେବୃୟାରୀ ୧୭ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଟିଏମ୍ ଜମିରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ ନିର୍ମାଣପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ଶିଳ୍ପଗୋଷ୍ଠୀ ୱେଲସ୍ପନ୍ କମ୍ପାନୀ ଏହି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଏଯାବତ୍ ଏଦିଗରେ କୌଣସି ଅଗ୍ରଗତି ପରିଲକ୍ଷିତ ହୋଉନଥିବା ଆନ୍ଦାଳନକାରୀ ମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଦୀପକ କୁମାର ବାରିକ୍ ଶ୍ରମିକ ଏକତା ପତାକା ଉତ୍ତୋଳନ କରିବା ପରେ ଆୟୋଜିତ ଏକ ବୈଠକରେ ବିଭୁପ୍ରସାଦ ରଥ, ଦୁଲାଲସେନ ସ୍ୱାଇଁ, ନବ କିଶୋର ଭୁୟାଁ, ବିଜୟ କୁମାର ସାହୁ, ସରୋଜ ନାୟକ, ଅଜୟ ପରିଡ଼ା, ବିଷ୍ଣୁ ଚରଣ ମହାରଣା, ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଶ୍ରମିକ ପ୍ରତିନିଧି ଉଦ୍‌ବୋଧନ ଦେଇ କାରଖାନା ପ୍ରତିଷ୍ଠାଦିଗରେ ସରକାରଙ୍କ ଉଦାସିନତାର ବିରୋଧ କରି ବିଧିବଦ୍ଧ ଭାବେ କାରଖାନା ପ୍ରତିଷ୍ଠା ପାଇଁ ସରକାରଙ୍କ ଠାରେ ଦାବି ରଖିବା ସହିତ ପୂର୍ବବତ୍ ଧାରଣା କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ।

# ମାଲକାନଗିରି ବ୍ଲକ୍‌ରେ କର୍ମଚାରୀ ମରୁଡ଼ି : ସମସ୍ତ ବିଭାଗ ଅଚଳ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**




ମାଲକାନଗିରି ବ୍ଲକରେ ଅଫିସର ଓ କର୍ମଚାରୀ ମରୁଡ଼ି ଦେଖାଦେଇଛି। ଫଳରେ ସମସ୍ତ ବିଭାଗ ଅଚଳ ହୋଇ ପଡ଼ିଛି। ବିଭିନ୍ନ ବିଭାଗରେ ପଦ ପଦବୀ ଗୁଡ଼ିକ ଅତିରିକ୍ତ ଦାୟିତ୍ୱରେ ଚାଲିଛି। ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ମନରେଗା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ମୁଖ୍ୟ କିରାଣୀ ଓ କୋଷାଧ୍ୟକ୍ଷ ପଦବୀଗୁଡ଼ିକ ଖାଲି ପଡ଼ିଥିବା ବେଳେ ଅତିରିକ୍ତ ଦାୟିତ୍ୱରେ ଚାଲିଛି। ମୁଖ୍ୟ କିରାଣୀ ମଇଉଦ୍ଦିନ ଗାଉସଙ୍କ ବଦଳି ପରେ ଦୀର୍ଘ ଦିନ ଧରି ସେହି ସ୍ଥାନ ଖାଲି ପଡ଼ିଥିଲା। ବର୍ତ୍ତମାନ ନୂତନ ଭାବେ ଯୋଗ ଦେଇଥିବା ବରିଷ୍ଠ ରାଜସ୍ୱ କିରାଣୀ ରବିନ୍ଦ୍ର ପାତ୍ରଙ୍କୁ ଅତିରିକ୍ତ ଭାବେ ମୁଖ୍ୟ କିରାଣୀ ଦାୟିତ୍ୱ ଦିଆଯାଇଛି। ସେହିପରି କୋଷାଧ୍ୟକ୍ଷ ସ୍ଥାନରୁ ଅଜିତ ପାତ୍ରଙ୍କ ଖଇରପୁଟ ତହସିଲକୁ ବଦଳି ପରେ ସେହି ସ୍ଥାନ ମଧ୍ୟ ଖାଲି ରହିଛି। ବର୍ତ୍ତମାନ ସେଠାରେ ଏଷ୍ଟାବ୍ଲିସମେଣ୍ଟ ବରିଷ୍ଠ କିରାଣୀ ମୁନା ପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଉନ୍ନୟନ କିରାଣୀ ସ୍ଥାନ ଖାଲିଥିବାରୁ ସେଠାରେ କନିଷ୍ଠ କିରାଣୀ ପ୍ରଦ୍ୟୁମ୍ନ ପରିଡ଼ାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଶଙ୍କର୍ଷନ ଖଣ୍ଡୁଆଳଙ୍କ ବଦଳି ପରେ ସେହି ସ୍ଥାନ ମଧ୍ୟ ଖାଲି ରହିଛି। ସେଠାରେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ବିଷ୍ଣୁ ଚରଣ ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତ୍ରିପାଠୀଙ୍କ ଉଡୁପା ଗ୍ରାମପଞ୍ଚାୟତ ଓ ପେଡ଼ାକୋଣ୍ଡା ଗ୍ରାମପଞ୍ଚାୟତ ଦୁଇଟି ଦାୟିତ୍ୱରେ ଥିବା ସତ୍ତ୍ୱେ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଦାୟିତ୍ୱରେ ସେ ରହିଛନ୍ତି। ଫଳରେ ମାସ ମାସ ଧରି ବିଭିନ୍ନ ବିଭାଗରୁ ଫାଇଲ ପତ୍ର ଚଳାଚଳ ହେଉ ନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ବ୍ଲକରେ ୧୯ଗୋଟି ଗ୍ରାମପଞ୍ଚାୟତ ଥିବା ବେଳେ ମାତ୍ର ୧୦ ଜଣ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରହିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କସମସ ତିର୍କିଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଉକ୍ତ ସମସ୍ୟାର ସମାଧାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# 'ଖେଳକୁଦ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ'

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ଅଗଷ୍ଟ ତା ୨୯ ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍, ଇଣ୍ଡୋର୍ ଷ୍ଟାଡିୟମ୍, ପାରାଦୀପ ଓ ଜଗତସିଂହ-ପୁର, ଖେଲୋ ଇଣ୍ଡିଆ ସେଣ୍ଟର୍ ଠାରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ନିଜନିଜ ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟ୍‌ନେସ୍ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଫିଟ୍ ଇଣ୍ଡିଆ ଶପଥ ପାଠ କରାଇଥିଲେ। ଏହାପରେ ଏକ ପ୍ରଦର୍ଶନୀ ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁ ଅନେକ ସମୟରେ ହଠାତ୍ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ତେଣୁ ରୋଗ ଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମ୍‌ରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଆଥଲେଟିକ ଆସୋସିଏସନ୍ର ସମ୍ପାଦକ, ଦୋଳଗୋବିନ୍ଦ ଦାଶ, ଉପ ସଭାପତି ସାଧୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବୀଜୟିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକି ଉଇଜାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜିତ ଭଲିବଲ୍ ମ୍ୟାଚ୍‌ରେ ନାଲିବର ଭଲିବଲ୍ କ୍ଲବ୍ ବିଜେତା ଓ ଜଗତସିଂହପୁର ଭଲିବଲ୍ କ୍ଲବ୍ ରନର ଅପ୍ ଭାବେ ପୁରସ୍କୃତ ହୋଇଥିଲେ। ବିଶିଷ୍ଟ ଖେଳାଳୀ ସସ୍ମିତା ନାଥ ଶର୍ମା (ଖୋ – ଖୋ) ଓ ଦେବେନ୍ଦ୍ର ନାଥ (ଖୋ – ଖୋ)ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ, ସହରର ବହୁ ବରିଷ୍ଠ କ୍ରୀଡ଼ାବିତ୍‌ଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।





# ଶିମିଳିପାଳରେ ହାତୀ ଶିକାର ଓ ଦାନ୍ତ ବିକ୍ରି ଘଟଣା:୧୮ ମାସ ପରେ ଫେରାର୍ ଅଭିଯୁକ୍ତକୁ ଧରିଲା ବନ ବିଭାଗ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରୁ ହାତୀ ଶିକାର ଓ ଦାନ୍ତ ବିକ୍ରି ମାମଲାରେ ଫେରାର୍ ଅଭିଯୁକ୍ତକୁ ୧୮ ମାସ ପରେ ଧରିବାରେ ବନ ବିଭାଗ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଯଶିପୁର ଥାନା ଅନ୍ତର୍ଗତ ଧଳବଣି ଅଞ୍ଚଳର ଠାକୁରଗୋଡା ଗ୍ରାମର ଯୋଗେଶ୍ୱର ଦେହୁରୀ (୨୮)। ଗତ ନଭେମ୍ବର ୨୦୨୩ରେ ହାତୀ ଶିକାର କରି ଦାନ୍ତ ବିକ୍ରି ନିମନ୍ତେ ଡିଲ୍ ବେଳକୁ ବନ ବିଭାଗ ଟିମ୍ ମାଡି ବସିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଠାକୁରମୁଣ୍ଡା ବନାଞ୍ଚଳ ଚମ୍ପାଝରନ୍ ନିକଟରୁ ବାଇକ୍ ଯୋଗେ ହାତୀ ଦାନ୍ତ ଚାଲାଣ ବେଳେ ଦାନ୍ତ ଜବତ ସହ ଚାରି ଜଣ ଗିରଫ କରିଥିଲେ। କାରବାରରେ ଅନ୍ୟ ସମ୍ପୃକ୍ତ ମାନେ ଫେରାର୍ ଥିଲେ। ଅଭିଯୁକ୍ତ ବିରୁଦ୍ଧରେ ଏନୁବିଡବ୍ଲୁ ଜାରି କରି ବନ ବିଭାଗ ଖୋଜାଖୋଜି ଜାରିରଖିଥିଲା। ବିଶ୍ୱସ୍ତସୂତ୍ରରୁ ସୂଚନାପାଇ ଅଭିଯୁକ୍ତକୁ ଧରିବାରରେ ସଫଳ ହୋଇଛନ୍ତି। ତଦନ୍ତ କରି ଆଜି ପର୍ଯ୍ୟନ୍ତ ସମୁଦାୟ ୨୨ ଜଣ ଗିରଫ ହୋଇଛନ୍ତି। ଜଣେ ମାତ୍ର ଫେରାର୍ ରହିଛି। ଅଭିଯୁକ୍ତକୁ



ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ହାତୀ ଦାନ୍ତ ଚୋରା ଚାଲାଣର ଅନ୍ୟ ସମ୍ପୃକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ////////// ରାଜ୍ୟରେ ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ //////////

# ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍ଆଉଟ୍ ହାର ବଢୁଛି । ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି । ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍ଆଉଟ୍ ହାର ସର୍ବାଧିକ । ଡ୍ରପ୍ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁନାହିଁ । ଅପରପକ୍ଷରେ ଦେଶରେ ଡ୍ରପ୍ଆଉଟ୍ ହାର କମୁଥିବା ବେଳେ ଓଡ଼ିଶାରେ ଡ୍ରପ୍ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡ୍ରିଷ୍ଟ୍ରିକ୍ ଇନ୍‌ଫର୍ମେସନ୍ ସିଷ୍ଟମ୍ ଫର୍ ଏଜୁକେସନ୍ ତଥ୍ୟରୁ ଜଣାପଡ଼ିଛି । ୨୦୨୩-୨୪ ଶିକ୍ଷା ବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍ଆଉଟ୍ ହାର ୯୧ ପ୍ରତିଶତ ଥିଲା । ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ । ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି । ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି । ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷା ବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି । ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍ଆଉଟ୍ ହାର ମଧ୍ୟ ୦.୫ ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ଼ ହୋଇଛି । ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି । ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍ଆଉଟ୍ ହାର ୩.୭ ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି । ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି । ରାଜ୍ୟରେ ମୋଟ୍ ୭୬ ଲକ୍ଷ ୪୪ ହଜାର ୫୨ ଜଣ ପିଲା ପାଠ ପଢୁଥିବା ବେଳେ ୩ ଲକ୍ଷ ୪୪ ହଜାର ୧୧୬ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି । ଅର୍ଥାତ୍ ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି । ପଡ଼ୋଶୀ ରାଜ୍ୟ ମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି ।

# ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ ଶିକ୍ଷକମାନେ ସାମିଲ୍ ହୁଅନ୍ତୁ:ଜିଲ୍ଲାପାଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହ ଉତ୍ସବରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଗୁରୁଦିବସ ପାଳନ କରାଯିବାର ତାତ୍ପର୍ଯ୍ୟ ତଥା ପ୍ରାଚୀନ ସମୟରୁ ଗୁରୁକୁଳରେ ଶିକ୍ଷାଦାନର ବିଶେଷତ୍ୱ ଏବଂ ଶିକ୍ଷାଦାନ କ୍ଷେତ୍ରରେ ବର୍ତ୍ତମାନ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର କିଭଳି ଗୁରୁଦାୟିତ୍ୱ ରହିଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ତରିକତାର ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ପ୍ରଦାନ କରି ସେମାନଙ୍କ ଭବିଷ୍ୟତ ଗଢ଼ିବା ସହ ସେମାନଙ୍କର ପାରିପାର୍ଶିକ ଅଗ୍ରଗତିରେ ନିଜକୁ ସାମିଲ୍ କରିବା ନେଇ ମତବ୍ୟକ୍ତ କରିଥିଲେ। ଗୁରୁ ଶିଷ୍ୟ ପରମ୍ପରା



ସମ୍ବନ୍ଧରେ ମତରଖି ଜିଲ୍ଲାପାଳ ଶିକ୍ଷା ପାଠ୍ୟକ୍ରମ ତଥା ଜିଲ୍ଲାରେ ମିଶନ୍ ମେରିଟ୍ କାର୍ଯ୍ୟକ୍ରମ ଏବଂ ପ୍ରତିଭା ଅନ୍ୱେଷଣ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଷ୍ଠାର ସହ ଦାୟିତ୍ୱବୋଧ ଭାବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ୍ ଏହି ସମାରୋହରେ ସଭାପତିତ୍ୱ କରି ଏହି ଉତ୍ସବକୁ ଏକ ପ୍ରତୀକ ବୋଲି ବିବେଚନା କରି ଗୁରୁଦିବସ ପାଳନ ସହ ଶିକ୍ଷାଦାନ, ଜୀବନଦାନ ସହ ତୁଳନା କରି ଏଥିରେ କିପରି ଆତ୍ମା ଅନୁଭୂତି କରିହୁଏ ତଥା ଶିକ୍ଷିତ ସମାଜ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର କିପରି ଭୂମିକା ରହିଛି ସେ ଦିଗରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ, ଅଭିଜିତା ଭାସ୍କର ପ୍ରମୁଖ ସମାରୋହରେ ଯୋଗଦେଇ ଗୁରୁଦିବସ ପାଳନ, ଶିକ୍ଷା ପଦ୍ଧତି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପସ୍ଥିତ ଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବପ୍ରସାଦ ତ୍ରିପାଠୀ ଓ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଜିଲ୍ଲା ନୋଡାଲ୍ ଅଧିକାରୀ ବିଭୂଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ସମାରୋହ ଅବସରରେ ଆୟୋଜିତ ସଭାକୁ ପହଙ୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ଦାଶ ଓ କମଳାକାନ୍ତ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୁମନ ପ୍ରତିହାରୀ ସଂଯୋଜନା କରିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲାର ୫୩ ଜଣ କୃତି ଶିକ୍ଷକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କୁ ସମ୍ମାନିତ କରାଯାଇ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରେଭେନ୍ସା କଲିଜିଏଟ୍ ସ୍କୁଲର ଛାତ୍ରଛାତ୍ରୀ ଓ ସାଲେପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷାକର୍ମୀ ସୀମାଞ୍ଚଳ ସାହୁ ସହଯୋଗ କରିଥିଲେ ।



# ବସ୍‌ରୁ ଗଞ୍ଜେଇ ଜବତ କଲା ପୋଲିସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଗଜରାଜପୁର ଗ୍ରାମ ନିକଟ କଣ୍ଟା ଛକରୁ ଜବତ ୯ କେଜି ୬୦୦ ଗ୍ରାମ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରିଛି ବାଉଁଶୁଣୀ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ କଣ୍ଟା ଛକରେ ସୋନପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ଖବରପାଇ ବାଉଁଶୁଣୀ ପୋଲିସର ଏକ ଟିମ୍ ଅତର୍କିତ ଭାବେ ବସ୍‌ଟିକୁ ଚଢଉ କରିଥିଲା । ପୋଲିସକୁ ଦେଖି ଚାଲାଣକାରୀ ଦଉଡି ପଳାଇ ଯାଉଥିବାବେଳେ ପୋଲିସ ଗଞ୍ଜେଇକୁ ଜବତ କରି ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା ରୁଜୁକରି ଜବତ୍ ଗଞ୍ଜେଇକୁ ବୁଧବାର ସନ୍ଧ୍ୟାରେ କୋର୍ଟରେ ପ୍ରଦର୍ଶନ କରିଥିଲା ।

# ଛିନ୍‌ତାଇ ଘଟଣାରେ ୨ ଗିରଫ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଟାଉନ୍ ଥାନା ଅନ୍ତର୍ଗତ ଏସ୍‌ସିଏସ୍ କଲେଜ ରାସ୍ତାରେ ବ୍ୟାଟେରୀ ଅଟୋରେ ଯାଜପୁର ଜିଲ୍ଲାର ମଧୁସ୍ମିତା ସାହୁ ଯାଉଥିବା ସମୟରେ ସ୍କୁଟିରେ ଆସି ଦୁଇଜଣ ଯୁବକ ମହିଳାଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ । ଏ ସମ୍ପର୍କରେ ମଧୁସ୍ମିତା ଟାଉନ୍‌ଥାନାରେ ଜଣାଇବା ପରେ ପୋଲିସ ତତ୍କ୍ଷଣାତ ଖୋଜାଖୋଜି କରି ଦୁଇଜଣ ଯୁବକଙ୍କୁ କାବୁ କରିଥିଲା । ତାଠାରୁ ସମସ୍ତ ଜିନିଷ ଜବତ କରାଯାଇଛି । ଅଭିଯୁକ୍ତ ଦୁଇଜଣ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନର ବାଦଲ ଓରଫ ସୂର୍ଯ୍ୟନାରାୟଣ ପରିଡା (୨୧) ଓ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡ ସାହିର ବିଶୁ ଓରଫ ବିଶ୍ୱଜିତ ଦଳାଇ (୨୧) । ଏ ସମ୍ପର୍କରେ ଟାଉନ୍‌ଥାନାରେ ୪୨୬/୨୫ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ତାଙ୍କ ନାମରେ ପୂର୍ବରୁ କୁମ୍ଭାରପଡା ଥାନା, ତାଳବଣିଆ ଥାନା ଓ ବଳିଆପଣ୍ଡା ଥାନାରେ ମାମଲା ରହିଛି । ତାଙ୍କ ଠାରୁ ଗୋଟିଏ ଭ୍ୟାନିଟି ବ୍ୟାଗ, ଗୋଟିଏ ମୋବାଇଲ ଫୋନ୍, ଏକ ହଜାର ଟଙ୍କା, ଏଟିଏମ୍, ଆଧାରକାର୍ଡ, ପ୍ୟାନ୍‌କାର୍ଡ ଓ ସେମାନଙ୍କ ବ୍ୟବହୃତ ସ୍କୁଟିକୁ ପୋଲିସ ଜବତ କରିଛି ।

# ଠିକାଦାରଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସରକାର ପରିବର୍ତ୍ତନ ପରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ କ୍ରମେ ଅଶାନ୍ତ ହୋଇଉଠୁଛି। ପୋଲିସର ନୀରବତା ପାଇଁ ଅସାମାଜିକ ଯୁବକମାନେ ସକ୍ରିୟ ହେଉଥିବା ଅଭିଯୋଗ ହେଉଛି। ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଶିଳ୍ପାଞ୍ଚଳରେ ଠିକାଦାର ଅକ୍ଷୟ କୁମାର ନାୟକଙ୍କ କାର୍ଯ୍ୟାଳୟରେ ଯୁବକମାନେ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା କର୍ମଚାରୀମାନେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ୨/୩ ଜଣ ଯୁବକ ହାତରେ ମାରଣାସ୍ତ୍ର ଧରି କାର୍ଯ୍ୟାଳୟରେ ପଶିଥିଲେ। ସେମାନେ ଅକ୍ଷୟ ନାୟକଙ୍କୁ ନପାଇ ସେଠାରେ ଥିବା ଅଫିସ ସାମଗ୍ରୀ ଓ ହାଇଓ୍ୱା, ଟ୍ରକ୍, କାର୍‌କୁ ଭଙ୍ଗାରୁଜା କରିଥିଲେ ଓ କର୍ମଚାରୀ ମାନଙ୍କୁ ଗାଳି ଗୁଲଜ କରିଥିଲେ। ଖବରପାଇ ଧର୍ମଶାଳା ପୋଲିସ ପହଞ୍ଚି ଘଟଣା ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଠିକାଦାର ଅକ୍ଷୟ ନାୟକଙ୍କୁ ଜାରକା ଗୋପବନ୍ଧୁ ଛକରେ ନିକଟରେ ଲୁଗାପଟା କିଣି ଫେରୁଥିବା ବେଳେ ଆକ୍ରମଣ ହୋଇଥିଲା।



# ମହାରାଜା ଯଯାତି କେଶରୀ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ପରିଦର୍ଶନ କଲେ ଜିଲ୍ଲାପାଳ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ସ୍ଥିତ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ପରିଦର୍ଶନରେ ଆସିଥିଲେ। ସର୍ବପ୍ରଥମେ ସି.ଟି. ସ୍କାନ୍ ସେଣ୍ଟର ପରିଦର୍ଶନ କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଟେକ୍‌ନିସିଆନ୍ ଓ କର୍ମଚାରୀଙ୍କୁ ସି.ଟି. ସ୍କାନ୍ ମେସିନ୍‌ର କାର୍ଯ୍ୟକାରିତା ଏବଂ କେତେ ସମୟ ବ୍ୟବଧାନରେ ରିପୋର୍ଟ ହେଉଛି ପଚାରି ବୁଝିଥିଲେ। ମେଡିକାଲ୍ କଲେଜ ଡିନ୍ ଓ ପ୍ରିନ୍ସିପାଲ୍ ଡା. ସିତାରାମ ମହାପାତ୍ର ଉପସ୍ଥିତ ରହି କହିଥିଲେ ବହୁ ସମୟରେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ଯୋଗୁ ମେଡିକାଲ୍ କଲେଜର କାମ ଠପ୍ ହୋଇଯାଉଛି। ଏହାର ସମାଧାନ ପାଇଁ ଜିଲ୍ଲାପାଳ ସେଠାରେ ଉପସ୍ଥିତ ଥିବା ଏଲଆଣ୍ଡଟିର କର୍ତ୍ତୃପକ୍ଷଙ୍କ ସାଙ୍ଗରେ କଥାବାର୍ତ୍ତା କରିଥିଲେ ଏବଂ ସେ କହିଥିଲେ ପାଓ୍ୱାର ବ୍ୟାକ୍ ଅପ୍ ପାଇଁ ଡି.ଜି ସେଟ୍ ଅଛି କିନ୍ତୁ ସମୟ ସମୟରେ ଆର୍ଦ୍ରତା କାରଣରୁ ଅସୁବିଧା ହେଉଛି । ସେଥିପାଇଁ ଜିଲ୍ଲାପାଳ ତାଙ୍କର ୨ ଜଣ ଷ୍ଟାଫ୍‌ଙ୍କୁ ସେଠାରେ ୭ ଦିନ ପାଇଁ ରଖି ତାହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ କହିଥିଲେ। ଯେଉଁ ଓ୍ୱାର୍ଡ ମାନଙ୍କରେ ଏ.ସି.ର ବନ୍ଦୋବସ୍ତ ନାହିଁ ସେଠି ତୁରନ୍ତ ଏ.ସି. ଲଗାଇବାକୁ ଆର୍‌ଆଣ୍ଡବିର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସେ ସମସ୍ତ ମହଲାକୁ ଯାଇ ସମସ୍ତ କାର୍ଯ୍ୟ ପରିଦର୍ଶନ କରିଥିଲେ। ଯଦି ନିକଟ ଅତୀତରେ କିଛି ଓ୍ୱାର୍ଡକୁ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଏ ତାହାଲେ ସେଥିପାଇଁ ଆବଶ୍ୟକୀୟ ବେଡ୍ ଓ ଅନ୍ୟାନ୍ୟ ସରଞ୍ଜାମ ଉପଲବ୍ଧ ଅଛି କି ନାହିଁ ପଚାରି ବୁଝିଥିଲେ। ଆବଶ୍ୟକୀୟ ଜିନିଷ ଅଛି ବୋଲି ସୁପରିଟେଣ୍ଡେଣ୍ଟ କହିଥିଲେ । ଏହାପରେ ମେଡିକାଲ୍ କଲେଜର ଅଗ୍ନି ଅନୁମତି ପ୍ରମାଣ ପତ୍ର ପାଇଁ ଆବଶ୍ୟକୀୟ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମେଡିକାଲ୍ କଲେଜର ସମସ୍ତ ଡାକ୍ତର ଏବଂ ଅନ୍ୟମାନଙ୍କ ସହିତ ମେଡିକାଲ୍ କଲେଜର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା ମାନଙ୍କୁ ନିଜର ଶୁଭେଚ୍ଛା ଜଣାଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ତାଙ୍କ ସହିତ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ମେଡିକାଲ କଲେଜର ଡିନ୍ ଓ ପ୍ରିନ୍‌ସିପାଲ୍ ଡା. ସୀତାରାମ ମହାପାତ୍ର, ସୁପରିଟେଣ୍ଡେଣ୍ଟ ଡା. ମନୋରମା ସ୍ୱାଇଁ, ଜିଲ୍ଲା ମୁଖ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ରାସ୍ତା ଓ ଗୃହ ନିର୍ମାଣ ଅଧିକାରୀ, ଜିଇଡିର କର୍ମକର୍ତ୍ତା, ଏଲ୍‌ଏଣ୍ଡଟି, ଟାଟା ପାଓ୍ୱାରର ବିଦ୍ୟୁତ୍ ବିଭାଗ, ମେଡିକାଲ୍ କଲେଜର ୪ ଜଣ ହସ୍ପିଟାଲ୍ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଆସିଷ୍ଟାଣ୍ଟ ଇଞ୍ଜିନିୟର ୟ, ଜୁନିୟର ଇଞ୍ଜିନିୟର ଓ ଡିପିଏମ୍ ଆଦି କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



# ଓ.ପି. ଜିନ୍ଦଲ୍ ସ୍କୁଲ୍‌ରେ ଗୁରୁ ଦିବସ ପାଳିତ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ୍ ନଗର ସ୍ଥିତ ଓ.ପି. ଜିନ୍ଦଲ୍ ସ୍କୁଲ୍ ପରିସରରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଅତି ଉତ୍ସାହର ସହିତ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ୍ ଷ୍ଟିଲ୍, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ ଯୋଗଦେଇଥିବା ବେଳେ କର୍ଣ୍ଣେଲ ସୁଦୀପ ମାଜୀ, ଭାଇସ୍ ପ୍ରେସିଡେଣ୍ଟ (ପ୍ରଶାସନ), ଜିନ୍ଦଲ୍ ଷ୍ଟିଲ୍, ଅନୁଗୁଳ, କର୍ଣ୍ଣେଲ ମାନସ ଖାଡଙ୍ଗା, ଜେନେରାଲ୍ ମ୍ୟାନେଜର, (ପ୍ରଶାସନ), ଜିନ୍ଦଲ୍ ଷ୍ଟିଲ୍, ଅନୁଗୁଳ, ସୀମା ମଲହାନ, ସଭାପତି, ଜିନ୍ଦଲ୍ ମହିଳା ସମିତି ଏବଂ ଅନୀତା ମିତ୍ତଲ, ସଭାପତି, ଜିନ୍ଦଲ୍ ମହିଳା ସମିତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିବା ସହ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଆଦର୍ଶ ଶିକ୍ଷକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମଧ୍ୟ ନୃତ୍ୟ ମାଧ୍ୟମରେ ସେମାନଙ୍କର କଳାତ୍ମକ ଅଭିପ୍ସାକୁ ବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ଅତିଥିମାନେ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ଦାମୋଦର ମିତ୍ତଲ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ ବିଶାଳ ଦାୟିତ୍ୱକୁ ମନେ ପକାଇବା ସହ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଉତ୍ତମ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ । ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଶିକ୍ଷକ ସମାଜକୁ ଛାତ୍ରଛାତ୍ରୀମାନଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଶ୍ରୀ ମିତ୍ତଲ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିନ୍ଦଲ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶାଲୁ ଜିନ୍ଦଲ୍‌ଙ୍କ ପୃଷ୍ଠପୋଷକତାରେ ଓ.ପି. ଜିନ୍ଦଲ୍ ସ୍କୁଲ୍ ବିଶ୍ୱସ୍ତରୀୟ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସର୍ବଦା ପ୍ରତିବଦ୍ଧ ରହିଆସିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୭।୯।୨୦୨୫, ଭାଦ୍ରବ ଦି୨୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୨।୨୯ ଚନ୍ଦ୍ରୋଦୟ- ସଂଘ ୫।୪୫।୧୩**

**ପୂର୍ଣ୍ଣିମା-** ରାଘ ୧୧।୩୯ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ରାଘ ୯।୪୧ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୧।୩୯ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୯।୪୧ ମଧ୍ୟେ । ଦିଘ ୧।୧୭ ଗତେ ଘ ୧।୪୮ ମଧ୍ୟେ । **ପର୍ବୋତ୍ସବ-** ଇନ୍ଦୁ ପୂର୍ଣ୍ଣିମା, ଭାଗବତ ଜନ୍ମ, ଇନ୍ଦ୍ର ଧ୍ୱଜ ପୂଜା, ଆକାଶ ଗ୍ରାସ ଚନ୍ଦ୍ରଗ୍ରହଣ, ଦିବା ଘ ୧୨।୫୭ ଗତେ ପାକ ତ୍ୟାଗ ।



**ମେଷ:** ବ୍ୟବସାୟରୁ ଲାଭବାନ୍ ହେବେ। ରୋଜଗାର ମଧ୍ୟମ ଧରଣର ହେବ। କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ ।



**ବୃଷ:** ହଠାତ୍ ଦୂରଯାତ୍ରା କରି ସଫଳତା ହାସଲ କରିବେ। ପରୋପକାରୀ ହେବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ। ବନ୍ଧୁ ଦର୍ଶନର ସୁଯୋଗ ।



**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ। ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବାର ସୂଚନା ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ରୋଜଗାର ସ୍ଥିର ରହବ। ପିଲାମାନେ ପାଠପଢ଼ାରେ ଆଗେଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶରୀର ସୁସ୍ଥ ରହିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବୃଦ୍ଧି ପାଇବ। ଘରେ ଆନନ୍ଦ ଦେଖାଦେବ। ସେବା ପୂଜାରେ ଦିନଟି ଅତିବାହିତ ହେବ। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହୋଇପାରେ। ମନ ଭଲ ରହିବ ।



**କନ୍ୟା:** ଦେହ ଓ ମନ ଭଲ ରହିବ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା। ପାରିବାରିକ ଜୀବନ ସୁଖମୟ ହେବ। ଆୟ ସ୍ଥିର ରହିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ। ମହିଳାମାନେ ସୁଖୀ ହେବେ।



**ତୁଳା:** ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ। ଶୁଭ ଖବର ପାଇପାରନ୍ତି। ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ମହିଳାମାନେ ଗର୍ବୀ ହେବେ ।



**ବିଛା:** ଶରୀର ସୁସ୍ଥ ରହିବ। ଦୂରଯାତ୍ରା କରି ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଅବ୍ୟାହତ ରହିବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ମନ ଅସ୍ଥିର ରହିବ ।



**ଧନୁ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍କୃଷ୍ଟ ହେବ। ଶତ୍ରୁ ନାଶ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ରୋଜଗାର ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଉତ୍ତମ ଭୋଜନ ପ୍ରାପ୍ତ ହେବ। ମୂଲ୍ୟବାନ ଦ୍ରବ୍ୟ ମିଳିପାରେ। ପରୋପକାରୀ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଘରେ ଆନନ୍ଦ ଦେଖାଦେବ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟର ପରିମାଣ ବଢ଼ିବ। ଦେହ ଭଲ ରହିବ। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଆଗେଇବେ ।



**ମୀନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ। ମହିଳାମାନେ ଗର୍ବୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୮।୯।୨୦୨୫, ଭାଦ୍ରବ ଦି୨୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୨।୪୧ ଚନ୍ଦ୍ରୋଦୟ- ସଂଘ ୬।୨୩।୧୨**

**ପ୍ରତିପଦ-** ରାଘ ୯।୧୨ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ରାଘ ୮।୦୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୨।୨୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୨।୨୯ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୨।୨୯ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୯।୧୨ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୭।୦୮ ମଧ୍ୟେ । ଦିଘ ୧୦।୩୭ ଗତେ ଘ ୧୨।୫୮ ମଧ୍ୟେ । **ପର୍ବୋତ୍ସବ-** ଅପରପକ୍ଷ ପିତୃତର୍ପଣ ଆରମ୍ଭ, ଜହ୍ନି ଓଷା ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ବିଶ୍ୱ ସାକ୍ଷରତା ଦିବସ ।

# ଲକ୍ଷ୍ନୌରେ ୪ଦିନିଆ ମ୍ୟାଚ୍ ପାଇଁ ଶ୍ରେୟସ ଆୟର ଅଧିନାୟକ ନିଯୁକ୍ତ



ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଲକ୍ଷ୍ନୌରେ ଅଷ୍ଟ୍ରେଲିଆ ଏ ବିପକ୍ଷରେ ଆଗାମୀ ଦୁଇଟି ଚାରିଦିନିଆ ମ୍ୟାଚ୍ ପାଇଁ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଭାରତ ଏ ଦଳ ଘୋଷଣା କରିଛି । ଏହି ସିରିଜ୍ ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବ, ୨୩ ସେପ୍ଟେମ୍ବରରୁ ଆରମ୍ଭ ହେଉଥିବା ଦ୍ୱିତୀୟ ମ୍ୟାଚ୍ ପାଇଁ କେଏଲ ରାହୁଲ ଏବଂ ମହମ୍ମଦ ସିରାଜ ଦଳରେ ଯୋଗ ଦେବେ ।

୯ ସେପ୍ଟେମ୍ବରରେ ୟୁଏଇରେ ଆରମ୍ଭ ହେଉଥିବା ଏସିଆ କପ୍ ପାଇଁ ଭାରତୀୟ ଦଳରେ ଆୟରଙ୍କୁ ସ୍ଥାନ ଦିଆଯାଇ ନାହିଁ । ଏହି ପ୍ରଶଂସନୀୟ ବ୍ୟାଟ୍ସମ୍ୟାନ୍ ବର୍ତ୍ତମାନ ବେଙ୍ଗାଲୁରୁରେ ସେଣ୍ଟ୍ରାଲ୍ ଜୋନ୍ ବିପକ୍ଷରେ ଦୁଲୀପ୍ ଟ୍ରଫି ସେମିଫାଇନାଲ୍‌ରେ ପଶ୍ଚିମ ଜୋନ୍ ଦଳରେ ଅଛନ୍ତି ।

ଏହି ଦଳରେ ଅଭିଜ୍ଞ ଏବଂ ଉଦୀୟମାନ ପ୍ରତିଭାର ମିଶ୍ରଣ ରହିଛି, ଧ୍ରୁବ ଜୁରେଲ୍ ଉପ-ଅଧିନାୟକ ଏବଂ ୱିକେଟକିପର ଭାବରେ କାର୍ଯ୍ୟ କରୁଛନ୍ତି । ଅନ୍ୟାନ୍ୟ ଉଲ୍ଲେଖନୀୟ ଖେଳାଳିଙ୍କ ମଧ୍ୟରେ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଅଭିମନ୍ୟୁ ଈଶ୍ୱରନ୍ ଏବଂ ଦେବଦତ୍ତ ପାଡିକ୍କଲ୍, ପ୍ରତିଶ୍ରୁତିବଦ୍ଧ ଯୁବ ସାଇ ସୁଦର୍ଶନ ଏବଂ ଆୟୁଷ ବାଡୋନି ଅନ୍ତର୍ଭୁକ୍ତ ।

# ଡ୍ରିମ୍ ୧୧ର ଟାଇଟଲ୍ ପ୍ରାୟୋଜକ ପଦରୁ ବିଦାୟ ନେଲା ବିସିସିଆଇ



ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଟିମ୍ ଇଣ୍ଡିଆର ଜର୍ସି ପ୍ରାୟୋଜକ ଭାବରେ ଡ୍ରିମ୍୧୧ ସହିତ ତାର ସମ୍ପର୍କ ସମାପ୍ତ କରିଛି, ଯାହା ନୂତନ ଭାବରେ ପାସ୍ ହୋଇଥିବା ଅନଲାଇନ୍ ଗେମିଂ ବିଲ୍ ଦ୍ୱାରା ଆରମ୍ଭ ହୋଇଛି ।

ବିସିସିଆଇ ସଚିବ ଦେବଜିତ ସାଇକିଆ ନିଶ୍ଚିତ କରିଛନ୍ତି ଯେ ଫାଣ୍ଟାସି ସ୍ପୋର୍ଟସ୍ ପ୍ଲାଟଫର୍ମ ସହିତ ଚୁକ୍ତି, ଯାହା ମୂଳତଃ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିଲା, ଆଇନରେ ପରିବର୍ତ୍ତନ ଯୋଗୁଁ ଏହାକୁ ସଂକ୍ଷିପ୍ତ କରିବାକୁ ପଡିଲା । 'ଆମର ଡ୍ରିମ୍ ୧୧ ସହିତ ତିନି ବର୍ଷର ଚୁକ୍ତି ଥିଲା, କିନ୍ତୁ ନୂତନ ଆଇନ ଯୋଗୁଁ, ଆମକୁ ହଠାତ୍ ଚୁକ୍ତି ସମାପ୍ତ କରିବାକୁ ପଡିଲା । ସେମାନେ ଆଉ ବିସିସିଆଇର ପ୍ରାୟୋଜନର ଅଂଶ ନୁହଁନ୍ତି । ଆମର ସେମାନଙ୍କ ସହିତ ଏପର୍ଯ୍ୟନ୍ତ ଛଅ ମାସ ବାକି ଥିଲା, କିନ୍ତୁ ବର୍ତ୍ତମାନ ଆମେ ଅକ୍ଟୋବରରୁ ତିନି ବର୍ଷ ପାଇଁ ଏକ ନୂତନ ବ୍ୟବସ୍ଥା ଖୋଜୁଛୁ'

ଡ୍ରିମ ୧୧ ୨୦୨୩ ରେ ଭାରତର ମୁଖ୍ୟ ପ୍ରାୟୋଜକ ଭାବରେ ବାଏଜୁସ୍'ର ସ୍ଥାନ ନେଇଥିଲା । ଫାଣ୍ଟାସି ସ୍ପୋର୍ଟସ୍ କମ୍ପାନୀ ଭାରତୀୟ ଦଳ ସହିତ ଜଡିତ ହାଇ-ପ୍ରୋଫାଇଲ୍ ବ୍ରାଣ୍ଡଗୁଡ଼ିକର ଧାରା ଜାରି ରଖି ବୋର୍ଡ ସହିତ ତିନି ବର୍ଷର ଚୁକ୍ତି ସ୍ୱାକ୍ଷର କରିଥିଲା । ତଥାପି, ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଲ୍ ପ୍ରଚଳନ ସହିତ ପରିସ୍ଥିତି ବଦଳିଗଲା ।

# ଗୁଜରାଟ ପାଇଁ ଖେଳିବେ ହର୍ଷଲ

ଅହମ୍ମଦାବାଦ



ଦୀର୍ଘ ୧୪ ବର୍ଷ ଧରି ହରିୟାଣା ପାଇଁ ଘରୋଇ କ୍ରିକେଟ୍ ଖେଳିବା ପରେ ପେସ୍ ବୋଲର ହର୍ଷଲ ପଟେଲ ତାଙ୍କ ରାଜ୍ୟ ଗୁଜରାଟକୁ ଫେରିଛନ୍ତି । ୨୦୨୫-୨୬ ଋତୁରେ ଗୁଜରାଟ ପାଇଁ ୩୪ ବର୍ଷ ବୟସ୍କ ହର୍ଷଲ ଖେଳିବେ । ଏଥିପାଇଁ ସେ ଗୁଜରାଟ କ୍ରିକେଟ୍ ଆସୋସିଏସନ୍ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ବରୋଦା, ସୌରାଷ୍ଟ୍ର ଓ ଗୁଜରାଟକୁ ନେଇ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ହର୍ଷଲ ଗୁଜରାଟ ପାଇଁ ଖେଳିବା ଆରମ୍ଭ କରିବେ । ହର୍ଷଲ ଗୁଜରାଟର ମୂଳ ବାସିନ୍ଦା । ତାଙ୍କ ପରିବାର ଏବେ ଗୁଜରାଟରେ ରହୁଛନ୍ତି । ପରିବାର ସହ ସମୟ ବିତାଇବା ପାଇଁ ହର୍ଷଲ ଗୁଜରାଟ ପାଇଁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ୧୯ ବର୍ଷରୁ କମ୍ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରିବା ପରେ ୨୦୦୮-୦୯ ଋତୁରେ ଗୁଜରାଟ ପାଇଁ ଲିଷ୍ଟ-ଏ ପଦାର୍ପଣ କରିଥିଲେ । ତେବେ ୨୦୧୦ରେ ଭାରତ ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ଖେଳିବା ପରେ ହର୍ଷଲ ହରିୟାଣା ଚାଲି ଯାଇଥିଲେ । ୨୦୧୧-୧୨ରେ ସେ ହରିୟାଣା ପାଇଁ ରଣଜୀ ଟ୍ରଫି ଖେଳିବା ଆରମ୍ଭ କରିଥିଲେ । ଏହା ପରଠାରୁ ହର୍ଷଲ ସମସ୍ତ ଫର୍ମାଟରେ ହରିୟାଣା ଦଳର ପ୍ରମୁଖ ସଦସ୍ୟ ପାଲଟି ଯାଇଥିଲେ । ୭୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ହର୍ଷଲ ୨୪୬ ୱିକେଟ୍ ନେଇଛନ୍ତି । ୧୨ଟି ଇନିଂସରେ ସେ ୫ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ୨୦୨୩-୨୪ରେ ହରିୟାଣା ବିଜୟ ହଜାରେ ଟ୍ରଫି ଜିତିଥିବା ବେଳେ ହର୍ଷଲ ଦଳର ପ୍ରମୁଖ ସଦସ୍ୟ ଥିଲେ । ସେ ଭାରତ ପାଇଁ ୨୫ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୨୭ଟି ୱିକେଟ୍ ନେଇଛନ୍ତି । ଚଳିତବର୍ଷ ହରିୟାଣା ଛାଡ଼ିବାରେ ହର୍ଷଲ ୨ୟ ଅନ୍ତର୍ଜାତୀୟ କ୍ରିକେଟର । କିଛିଦିନ ତଳେ ଅଲ୍‌ରାଉଣ୍ଡର ଜୟନ୍ତ ଯାଦବ ପୁଡୁଚେରି ଚାଲି ଯାଇଥିଲେ ।

# ୧୩ରୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍: ୨୦ ଜଣିଆ ଭାରତୀୟ ଦଳରେ ୫ ମହିଳା

ନୂଆଦିଲ୍ଲୀ

ଆସନ୍ତା ୧୩ ତାରିଖରୁ ଟୋକିଓରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ । ବିଶ୍ୱ ଆଥଲେଟିକ୍ସର ଏହି ମହାପର୍ବ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଅଲିମ୍ପିକ୍ସ ପଦକ ବିଜେତା ତଥା ଡିଫେଣ୍ଡିଂ ଚାମ୍ପିଅନ ନୀରଜ ଚୋପ୍ରାଙ୍କୁ ଛାଡ଼ି ଏଏଫ୍‌ଆଇ (ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ) ପକ୍ଷରୁ ୧୯ ଜଣିଆ ଦଳ ଘୋଷଣା କରାଯାଇଛି । ଯେଉଁ ଦଳରେ ୫ ଜଣ ମହିଳା ରହିଛନ୍ତି । ଡିଫେଣ୍ଡିଂ ଚାମ୍ପିଅନ ଭାବରେ ନୀରଜଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଛି । ତେଣୁ ଏହି ସଂସ୍କରଣରେ ୨୦ ଜଣ ଭାରତୀୟ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି ।

ପ୍ରଥମ ଥର ଜାଭେଲିନରେ ୪ ଜଣ ବିଶ୍ୱ ଆଥଲେଟିକ୍ସ ଇତିହାସରେ ପୂର୍ବରୁ କେବେ ୪ ଜଣ ଭାରତୀୟ ଜାଭେଲିନ ଥ୍ରୋରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇନଥିଲେ । ଏଥର ପ୍ରଥମ ଥର ନୀରଜଙ୍କୁ ମିଶାଇ ୪ ଜଣ ପ୍ରତିନିଧିତ୍ୱ କରିବେ । ସେମାନେ ହେଲେ ରୋହିତ ଯାଦବ, ସଚିନ ଯାଦବ ଓ ଯଶ ବୀର ସିଂ । ରୋହିତଙ୍କୁ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଛି । କିନ୍ତୁ ସଚିନ ଓ ଯଶବୀର ବିଶ୍ୱ ମାନ୍ୟତା ଅନୁସାରେ ଯୋଗ୍ୟତା ହାସଲ କରିଛନ୍ତି ।

୨୦୨୩ ସଂସ୍କରଣରେ ନୀରଜ ୮୮.୧୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ । ପାକିସ୍ତାନର ଅର୍ଶଦ ନଦୀମ (୮୭.୮୨ ମିଟର) ରୌପ୍ୟ ଏବଂ ଚେକ୍ ଗଣରାଜ୍ୟର ଜାକୁବ ଭାଦଲେଚ (୮୬.୬୭ ମିଟର) ବ୍ରୋଞ୍ଜ ଜିତିଥିଲେ । ଗତ ଅଲିମ୍ପିକ୍ସରେ ନଦୀମ ସ୍ୱର୍ଣ୍ଣ ଜିତିଥିଲେ । ଟୋକିଓରେ ମଧ୍ୟ ସେ ଅଂଶ ଗ୍ରହଣ କରିବେ । ନୀରଜ ଓ ନଦୀମଙ୍କ ମଧ୍ୟରେ ଟାଇଟଲ ପାଇଁ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

ଅନିମେଶ ରଚିଲେ ଇତିହାସ ପୂର୍ବରୁ ପୁରୁଷ ବର୍ଗରେ କୌଣସି ଭାରତୀୟ ୨୦୦ ମିଟରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇନଥିଲେ । କିନ୍ତୁ ପ୍ରଥମ ଥର ଅନିମେଶ କୁଜୁର ଏହି ଇଭେଣ୍ଟରେ ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି । ଯଦିଓ ସେ ସିଧାସଳଖ ଯୋଗ୍ୟତା ହାସଲ କରି ନାହାନ୍ତି, ମାତ୍ର ବିଶ୍ୱ ମାନ୍ୟତା ଅନୁସାରେ ତାଙ୍କୁ ଟୋକିଓ ଟିକେଟ୍ ମିଳିଛି । ଅନିମେଶଙ୍କ ଶ୍ରେଷ୍ଠ ଟାଇମିଂ ରହିଛି ୨୦.୩୨ ସେକେଣ୍ଡ । ଉଭୟ ୨୦୦ ଓ ୧୦୦ ମିଟରରେ




(୧୦.୧୮ ସେକେଣ୍ଡ) ସେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି ।

ଆହତ ଯୋଗୁ ବଞ୍ଚିତ

ଭାରତ ପୂର୍ବାପେକ୍ଷା ଏଥର ବଡ଼ ଦଳ ଟୋକିଓ ପଠାଉଛି । କିନ୍ତୁ ଆହତ ଯୋଗୁ ଦେଶର କିଛି ଶ୍ରେଷ୍ଠ କ୍ରୀଡ଼ାବିତ ବିଶ୍ୱ ଚାମ୍ପିଅନସିପ୍ ଖେଳିବାର ସୁଯୋଗ ହାତଛଡ଼ା କରିଛନ୍ତି । ସେମାନେ ହେଲେ ଏସିଆଡ୍ ଚାମ୍ପିଅନ ଓ ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବଲେ, ମହିଳା ହେପଟାଥଲନରେ ଏସିଆନ ଚାମ୍ପିଅନ ନନ୍ଦିନୀ ଆଗାସାରା ଏବଂ ରେସୱାକର ଆକାଶଦୀପ ସିଂ । ଏମାନେ ଯୋଗ୍ୟତା ହାସଲ କରିଥିଲେ ବି ଆହତ ଯୋଗୁ ବଞ୍ଚିତ ହୋଇଛନ୍ତି । ପଦକ ଆଶା ଜାଭେଲିନରେ ନୀରଜଙ୍କ ଠାରୁ ଏକ ପଦକ ନିଶ୍ଚିତ ରହିଛି । ଅନ୍ୟମାନେ ଯଦି ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦିଅନ୍ତି, ତେବେ ଗୁଲବୀର ସିଂ, ପ୍ରବୀଣ ଚିତ୍ରାଭେଲ ଓ ପାରୁଲ ଚୌଧୁରୀ ପଦକ ଦୌଡ଼ରେ ସାମିଲ ହୋଇପାରନ୍ତି ।

ଭାରତୀୟ ଦଳ ପୁରୁଷ: ନୀରଜ ଚୋପ୍ରା-ଜାଭେଲିନ, ଗୁଲବୀର ସିଂ -୫୦୦୦ ମିଟର, ପ୍ରବୀଣ ଚିତ୍ରାଭେଲ-ଟ୍ରିପଲ ଜମ୍ପ, ଅବଦୁଲ୍ଲା ଅବୁବେକର-ଟ୍ରିପଲ ଜମ୍ପ, ସର୍ଭେସ କୁଶାରେ-ହାଇ ଜମ୍ପ, ଅନିମେଶ କୁଜୁର-୨୦୦ ମିଟର, ସଚିନ ଯାଦବ, ଜାଭେଲିନ, ଯଶ ବୀର ସିଂ-ଜାଭେଲିନ, ମୂରଲୀ ଶ୍ରୀଶଙ୍କର-ଲଙ୍ଗ ଜମ୍ପ, ସର୍ଭିନ ସେବାଷ୍ଟିଆନ-୨୦ କି.ମି ରେସୱାକ, ରାମ ବାବୁ-୩୫ କି.ମି ରେସୱାକ, ଗୁଲବୀର ସିଂ-୧୦୦୦୦ ମିଟର, ସନ୍ଦୀପ କୁମାର-୩୫ କି.ମି ରେସୱାକ, ରୋହିତ ଯାଦବ-ଜାଭେଲିନ ଓ ତେଜାସ ଶିର୍ଷେ-୧୧୦ ମିଟର ହର୍ଡଲ୍ସ ।

ମହିଳା: ପାରୁଲ ଚୌଧୁରୀ-୩୦୦୦ ମିଟର ଷ୍ଟିପଲଚେଜ, ଅନୁ ରାଣୀ-ଜାଭେଲିନ, ପ୍ରିୟଙ୍କା ଗୋସ୍ୱାମୀ-୩୫ କି.ମି ରେସୱାକ, ଅଙ୍କିତା-୩୦୦୦ ମିଟର ଷ୍ଟିପଲଚେଜ ଏବଂ ପୂଜା-୧୫୦୦ ଓ ୮୦୦ ମିଟର ।

# ବୁମରା ଏବଂ ଜାଡେଜାଙ୍କୁ ରୋହିତ-କୋହଲିଙ୍କ ଭଳି ସମାନ ଦରମା ଦେଉଛି ବିସିସିଆଇ

ନୂଆଦିଲ୍ଲୀ

ରୋହିତ ଶର୍ମା ଏବଂ ବିରାଟ କୋହଲି, ଉଭୟେ ଟେଷ୍ଟ ଏବଂ ଟି-୨୦ କ୍ରିକେଟରୁ ଅବସର ନେଇସାରିଛନ୍ତି । ଏବେ କେବଳ ଦିନିକିଆ ଖେଳୁଥିବା ରୋହିତ ଏବଂ କୋହଲି ବିସିସିଆଇରୁ ବିପୁଳ ଦରମା ନିଅନ୍ତି । ବିସିସିଆଇର ଦରମା ବ୍ୟବସ୍ଥା ଏପରି, ଖେଳାଳିମାନଙ୍କୁ ୪ ଭାଗରେ ବିଭକ୍ତ କରାଯାଇଛି । ଭାରତୀୟ କ୍ରିକେଟରେ କେବଳ ୨ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ରୋହିତ ଏବଂ ବିରାଟଙ୍କ ପରି ସମାନ ଦରମା ନିଅନ୍ତି ।

ବିସିସିଆଇର କେନ୍ଦ୍ରୀୟ ଚୁକ୍ତି ତାଲିକାରେ, ଖେଳାଳିମାନଙ୍କୁ ଚାରିଟି ଗ୍ରେଡରେ ବିଭକ୍ତ କରାଯାଇଛି । ଏହି ଖେଳାଳିମାନଙ୍କୁ ଗ୍ରେଡ ଏ+, ଗ୍ରେଡ ଏ, ଗ୍ରେଡ ବି ଏବଂ ଗ୍ରେଡ ସି ଅଧୀନରେ ଦରମା ଦିଆଯାଏ । ଗ୍ରେଡ ଏ+ ଥିବା କ୍ରିକେଟରମାନେ ବାର୍ଷିକ ୭ କୋଟି ଟଙ୍କା ଦରମା ପାଆନ୍ତି, ଗ୍ରେଡ ଏ ଖେଳାଳିମାନେ ୫ କୋଟି ଟଙ୍କା,



ଗ୍ରେଡ ସି ଖେଳାଳିମାନେ ୩ କୋଟି ଟଙ୍କା ଏବଂ ଗ୍ରେଡ ଉ ଖେଳାଳିମାନେ ବର୍ଷକୁ ୧ କୋଟି ଟଙ୍କା ପାଆନ୍ତି ।

ଯେହେତୁ ବିରାଟ କୋହଲି ଏବଂ ରୋହିତ ଶର୍ମା କେନ୍ଦ୍ରୀୟ ଚୁକ୍ତି ତାଲିକାର ଗ୍ରେଡ ଏ+ ରେ ଆସିଥାନ୍ତି, ତେଣୁ ବିସିସିଆଇ ସେମାନଙ୍କୁ ବର୍ଷକୁ ୭ କୋଟି ଟଙ୍କା ଦରମା ଦିଏ ।

ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ବ୍ୟତୀତ, କେବଳ ଜସପ୍ରିତ ବୁମରା ଏବଂ ରବିନ୍ଦ୍ର ଜାଡେଜା ଗ୍ରେଡ ଏ+ ରେ ଅଛନ୍ତି । ତେଣୁ, ବିରାଟ ଏବଂ ରୋହିତଙ୍କ ସହିତ, କେବଳ ବୁମରା ଏବଂ ଜାଡେଜାଙ୍କୁ ବିସିସିଆଇ ଦ୍ୱାରା ବାର୍ଷିକ ୭ କୋଟି ଟଙ୍କା ଦରମା ଦିଆଯାଏ ।

ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ଶେଷ ଥର ପାଇଁ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଟିମ ଇଣ୍ଡିଆର ପ୍ରତିନିଧିତ୍ୱ କରୁଥିବାର ଦେଖାଯାଇଥିଲା । ଉଭୟ ଏସିଆ କପରେ ଖେଳିବେ ନାହିଁ, ଯାହା ଟି୨୦ ଫର୍ମାଟରେ ଖେଳାଯିବ, କିନ୍ତୁ ବିରାଟ ଏବଂ ରୋହିତ ଟି୨୦ କ୍ରିକେଟକୁ ଅଲବିଦା କହିସାରିଛନ୍ତି । ଯଦି ବିରାଟ ଏବଂ ରୋହିତ ୨୦୨୫ରେ ଟିମ ଇଣ୍ଡିଆ ପାଇଁ ସମସ୍ତ ଦିନିକିଆ ମ୍ୟାଚ ଖେଳନ୍ତି, ତେବେ ସେମାନେ ଏହି ବର୍ଷ ଆଉ କେବଳ ୬ଟି ମ୍ୟାଚ ଖେଳୁଥିବାର ଦେଖାଯିବେ ।

# ଏଫ୍‌ଆଇଡିଇ ଗ୍ରାଣ୍ଡସ୍ୱିସ୍ : ୧୧ ରାଉଣ୍ଡ ହାରିବାକୁ ପ୍ରସ୍ତୁତ ଦିବ୍ୟ ଦେଶମୁଖ

ନୂଆଦିଲ୍ଲୀ

ଇଣ୍ଡିଆ ଗ୍ରାଣ୍ଡ ମାଷ୍ଟର (ଜିଏମ୍) ଦିବ୍ୟା ଦେଶମୁଖ କହିଛନ୍ତି ଯେ ସମରକନ୍ଦରେ ଚାଲିଥିବା ଏଫ୍‌ଆଇଡିଇ ଗ୍ରାଣ୍ଡ ସ୍ୱିସ୍ ଟୁର୍ଣ୍ଣାମେଣ୍ଟରେ ସମସ୍ତ ୧୧ଟି ଖେଳ ହାରିବାକୁ ସେ ଆପତ୍ତି କରିବେ ନାହିଁ ଯେପର୍ଯ୍ୟନ୍ତ ସେ ଶିଖୁଛନ୍ତି ।

ଦିବ୍ୟାଙ୍କ ପ୍ରଥମ ପର୍ଯ୍ୟାୟରେ ତାଙ୍କ ପରାମର୍ଶଦାତା ଅଭିମନ୍ୟୁ ପୁରୁଣାନିକ ତାଙ୍କୁ ପରାଜୟ ଦେଇଥିଲେ, ଯିଏ ତାଙ୍କୁ ଏଫ୍‌ଆଇଡିଇ ମହିଳା ବିଶ୍ୱକପ୍ ଜିତିବାରେ ସାହାଯ୍ୟ କରିଥିଲେ । କିନ୍ତୁ ୧୯ ବର୍ଷୀୟା ଝିଅ ଷ୍ଟାଇଲରେ ଫେରି ଆସି ଦ୍ୱିତୀୟ ପର୍ଯ୍ୟାୟରେ ଆଲେକଜାଣ୍ଡର ଡୋନଚେଙ୍କୋଙ୍କୁ ଡ୍ର'ରେ ରଖିଥିଲେ ।

'ଯଦିଓ ମୁଁ ସମସ୍ତ ରାଉଣ୍ଡ ହାରିଯାଏ, ମୁଁ ଭାବୁଛି ଯଦି ମୁଁ ଶିଖିବି ତେବେ ମୁଁ ଭଲ ହେବି ବୋଲି କହିଥିଲେ ।

'ପ୍ରତ୍ୟେକ ପରାଜୟ ବହୁତ କଷ୍ଟ ଦିଏ । ଯେତେବେଳେ ଆପଣ ଲଗାତାର ଶକ୍ତିଶାଳୀ ଖେଳାଳିମାନଙ୍କ ସହ ଖେଳନ୍ତି, ତେବେ ଆପଣ ହାରିଗଲେ ମଧ୍ୟ ବହୁତ କିଛି ଶିଖନ୍ତି ।

ଆପଣ କ'ଣ କରିବା ଉଚିତ୍ ଏବଂ କ'ଣ କରିବା ଉଚିତ୍ ନୁହେଁ ସେ ବିଷୟରେ ଶିଖନ୍ତି । ମୋ ପାଇଁ, ଫଳାଫଳ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ମୁଁ ଏହି ଟୁର୍ଣ୍ଣାମେଣ୍ଟରୁ କ'ଣ ଫେରାଇ ଆଣେ । ଏହା ନିଶ୍ଚିତ ଭାବରେ ମୁଁ ଖେଳିଥିବା ସବୁଠାରୁ ଶକ୍ତିଶାଳୀ ଖୋଲା ଟୁର୍ଣ୍ଣାମେଣ୍ଟ । ସେ ଆହୁରି ମଧ୍ୟ କହିଛନ୍ତି 'ମୁଁ ଏହା କହିବାକୁ ଚାହୁଁନାହିଁ ଯେ ମୁଁ ଏହି ଖେଳାଳିମାନଙ୍କ ଦ୍ୱାରା ପରାସ୍ତ ହେବାରେ ଅଭ୍ୟସ୍ତ ।

# ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାରା ରାଜ୍ୟରେ ଜଗତସିଂହପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଲୋକସେବା ଭବନ ରେ ଆୟୋଜିତ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ୨୦୨୫ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲାକୁ ସମ୍ମାନିତ କରିଛନ୍ତି । ପ୍ରକାଶ ଥାଉ କି, ଜିଲ୍ଲାପାଳ ଜେ. ସୋନାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିୟମିତ ତଦାରଖରେ ଜିଲ୍ଲା ଅବିରତ ଭାବେ ଶିକ୍ଷା କ୍ଷେତ୍ରରେ ଗୌରବ ସୃଷ୍ଟି ସହ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବାରୁ ଏହି ପୁରସ୍କାର ପ୍ରାପ୍ତ ହୋଇଛି । ଜିଲ୍ଲାପାଳ ଜେ. ସୋନାଲ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସଫଳତା ଯୋଗୁଁ ରାଜ୍ୟରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଅଛି ।

# ପାଣ୍ଡ୍ୟା ବ୍ରଦର୍ସଙ୍କ ମହାନତା

ନୂଆଦିଲ୍ଲୀ

ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କୃଣାଲ ପାଣ୍ଡ୍ୟା ସେମାନଙ୍କ ବଦାନ୍ୟତା ପାଇଁ ବେଶ ଚର୍ଚ୍ଚାରେ । ଗ୍ରାଉଣ୍ଡରେ ବୋଲରମାନଙ୍କୁ ଚକମା ଦେଉଥିବା ପାଣ୍ଡ୍ୟା ଭାଇମାନେ ପଡ଼ିଆ ବାହାରେ ବହୁତ ସମ୍ବେଦନଶୀଳ । ପିଲାଦିନର ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ସେମାନଙ୍କ ମାନବୀୟ ଚେହେରାକୁ ପ୍ରକାଶ କରିଛନ୍ତି । ଉଭୟ ଭାଇ ପ୍ରଶିକ୍ଷକଙ୍କ ୨ ଭଉଣୀଙ୍କ ବିବାହର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି । ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ନିଜେ ଏ ବିଷୟରେ କହିଛନ୍ତି । ପାଣ୍ଡ୍ୟା ଭାଇମାନେ ପ୍ରଶିକ୍ଷକଙ୍କ ଭଉଣୀମାନଙ୍କୁ ସେମାନଙ୍କ ବିବାହରେ ୭୦-୮୦ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ କରିଥିଲେ । ଜିତେନ୍ଦ୍ର କହିଛନ୍ତି ଯେ ଯେତେବେଳେ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଟିମ ଇଣ୍ଡିଆ ପାଇଁ ଖେଳିଥିଲେ, ସେତେବେଳେ ସେ ଏକ କାର ମୋତେ ଉପହାର ଦେଇଥିଲେ । ଜିତେନ୍ଦ୍ର କୁହନ୍ତି ଯେ



ଉଭୟ ଭାଇ ତାଙ୍କୁ ନିଜ ପରିବାରର ଏକ ଅଂଶ ବୋଲି ମାନିଥାନ୍ତି । ସେମାନେ ସବୁବେଳେ ତାଙ୍କ ସୁଖ ଏବଂ ଦୁଃଖରେ ତାଙ୍କ ସହ ଥାଆନ୍ତି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ୨୦୧୮ ମସିହାର ଘଟଣାକୁ ମନେ ପକାଇ କହିଛନ୍ତି ଯେ କିପରି ଉଭୟ ଭାଇ ତାଙ୍କୁ ଆର୍ଥିକ ସାହାଯ୍ୟ କରିଥିଲେ । ଦ୍ୱିତୀୟ ଭଉଣୀଙ୍କ ବିବାହ ପାଇଁ ଏକ କାର କିଣିବା ପାଇଁ ୨୦ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା । ଟାଇମ୍ସ ଅଫ ଇଣ୍ଡିଆକୁ ଦେଇଥିବା ଏକ ସାକ୍ଷାତକାରରେ ଜିତେନ୍ଦ୍ର କୁମାର କହିଥିଲେ, '୨୦୧୮ରେ ହାର୍ଦ୍ଦିକ ଏବଂ କୃଣାଲ ମୋ ପ୍ରଥମ ଭଉଣୀର ବିବାହରେ ଆର୍ଥିକ ସାହାଯ୍ୟ କରିଥିଲେ । କେବଳ ଏତିକି ନୁହେଁ, ସେମାନେ ଫେବୃଆରୀ ୨୦୨୪ରେ ମୋ ଦ୍ୱିତୀୟ ଭଉଣୀର ବିବାହ ସମୟରେ ଏକ କାର କିଣିବା ପାଇଁ ୨୦ ଲକ୍ଷ ଟଙ୍କା ଦେଇଥିଲେ ଏବଂ ଉପହାର ମଧ୍ୟ ଦେଇଥିଲେ ।' ଜିତେନ୍ଦ୍ର ଆହୁରି କହିଛନ୍ତି, '୨୦୧୫-୧୬ରେ ଭାରତର ଅଷ୍ଟ୍ରେଲିଆ ଗସ୍ତରୁ ଫେରିବା ପରେ ହାର୍ଦ୍ଦିକ ମୋତେ ଏକ କାର ଉପହାର ଦେଇଥିଲେ । ଯାହାକି ଜାତୀୟ ଦଳ ସହିତ ତାଙ୍କର ପ୍ରଥମ ମ୍ୟାଚ ଥିଲା । ସେତେବେଳେ ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏବଂ ପ୍ରଥମେ ମୁଁ ଏହାକୁ ନେବାକୁ ମନା କରିଦେଲି । ତା'ପରେ କୃଣାଲ ମୋତେ ବୁଝାଇବାକୁ ମଧ୍ୟ ଚେଷ୍ଟା କରିଥିଲେ । କିନ୍ତୁ, ଯେତେବେଳେ ହାର୍ଦ୍ଦିକ କହିଲେ, 'ଆମେ ତୁମର ସୁରକ୍ଷା ପାଇଁ ତୁମକୁ ଏକ କାର ଦେଉଛୁ । ବାଇକ ଚଲାଇବା ସମୟରେ ତୁମର କୌଣସି ଦୁର୍ଘଟଣା ହେବା ଉଚିତ ନୁହେଁ ।' ତେଣୁ ମୁଁ ରାଜି ହୋଇଗଲି । ଏହା ଜଣେ ପ୍ରଶିକ୍ଷକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ତାଙ୍କର ଉପାୟ ଥିଲା ଯିଏ ସର୍ବଦା ଆବଶ୍ୟକ ସମୟରେ ମୋ ସହିତ ଥିଲେ ।'

ସୂଚନାଯୋଗ୍ୟ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୯ ସେପ୍ଟେମ୍ବରରୁ ୟୁଏଇରେ ଆରମ୍ଭ ହେବାକୁ ଥିବା ଏସିଆ କପ ୨୦୨୫ରେ ଦେଖିବାକୁ ମିଳିବ । ଏହି ଅଲରାଉଣ୍ଡର ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଏକ ନୂଆ ରୂପରେ ନଜର ଆସିଛନ୍ତି ଏବଂ ଏବେ ତାଙ୍କୁ ଏକ ନୂଆ ଲୁକରେ ଦେଖିବାକୁ ମିଳିଛି । ସେ ତାଙ୍କ କେଶକୁ ରଙ୍ଗ କରିଛନ୍ତି । ପାଣ୍ଡ୍ୟା ଟିମ ଇଣ୍ଡିଆ ସହିତ ଦୁବାଇ ପହଞ୍ଚିଛନ୍ତି । ସେଠାରେ ପହଞ୍ଚିବା ପରେ ସେ ଏସିଆ କପ ପାଇଁ ତାଙ୍କର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି । ଡାହାଣହାତୀ ବ୍ୟାଟ୍ସମ୍ୟାନ ହାର୍ଦ୍ଦିକ ଶେଷ ଥର ପାଇଁ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ ।

# ୪ କ୍ୱିଣ୍ଟାଲ ୫୦କେଜି ଗଞ୍ଜେଇ ଜବତ : ଜଣେ ଗିରଫ

କନ୍ଧମାଳ : ନ୍ୟୁଜ୍ ବ୍ୟୁରୋ

ଗଞ୍ଜେଇ ମୁକ୍ତ ଓଡ଼ିଶା ଗଠନ କରିବାରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ଅପରେସନ ପ୍ରହାରରେ ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନାର ପ୍ରଥମ ପ୍ରହାର ଭାବେ ୩୫୦କେଜି ଗଞ୍ଜେଇ ଥାନା ଅଞ୍ଚଳର ଗୁଡମେଣ୍ଡା ଜଙ୍ଗଲରୁ ଜବତ କରାଯାଇଛି । ସୂଚନା ଅନୁସାରେ କୌଣସି ସୂତ୍ରରୁ ଘଣ୍ଟାପଡ଼ା ଥାନା ପୁଲିସ ଖବରପାଇ ନାରାୟଣପ୍ରସାଦ ପଞ୍ଚାୟତ ଗୁଡ଼ମେଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ପ୍ରସ୍ତୁତି ଚାଲିଥିବା ସମୟରେ ପୁଲିସ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଥିଲା । ପୁଲିସକୁ ଦେଖି ଚୋରାଚାଲାଣକାରୀମାନେ ଦଉଡ଼ି ଫେରାର ହୋଇଯାଇଥିଲେ । ପୁଲିସ ଉକ୍ତ ଗଞ୍ଜେଇକୁ ଜବତ କରି କେଶ ନଂ୧୨୪/୨୫ରେ ଏକ ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରିବାରୁ ୩୫୦କେଜି ହୋଇଥିଲା । ଉକ୍ତ ମାମଲାକୁ ପୁଲିସ ଗମ୍ଭୀରତାର ସହ



ଗ୍ରହଣ କରି ଅଧିକ ତଦନ୍ତ ଚାଲୁ ରହିଥିବା ନେଇ ଥାନାଧିକାରୀ ବାଲ୍ମିକ ପ୍ରଧାନ ଓ ତଦନ୍ତ ଅଧିକାରୀ ଏସ୍‌ଆଇ ମାଧବଚନ୍ଦ୍ର ଟାକ୍ରି ପ୍ରକାଶ କରିଛନ୍ତି । ସେହିପରି କନ୍ଧମାଳ ପୁଲିସର ଏକ ଟିମ୍ ରୁଣ୍ଡି ମହୁଲ ଗ୍ରାମରେ ଚଢ଼ଉ କରିଥିଲା ଓ ଚଢଉ ସ୍ଥାନରୁ ୧୩କେଜି ଗଞ୍ଜେଇ ବାହାରିଥିଲା । ଫଳରେ ଗଂଜେଇ ସହ ଅଭିଯୁକ୍ତ ଆନନ୍ଦ ଖଟୁଆକୁ ଗିରଫ କରିଥିଲା ପୁଲିସ ଓ ତେବେ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି ଓ ସେହିପରି କନ୍ଧମାଳ ପୁଲିସକୁ ମିଳିଛି ସଫଳତା ଓ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଶହ ଗାଡ଼ି ଜବତ କରିଛି ।

ସୂଚନା ଅନୁସାରେ କନ୍ଧମାଳ ଥାନା ଉଦେପୁର ନିକଟରେ ଗଞ୍ଜେଇ ଚୋରାଚାଲାଣ ନେଇ କନ୍ଧମାଳ ପୁଲିସ ଖବର ପାଇ ଏକ ଟିମ ଚଢ଼ଉ କରିଥିଲା । ଘଟଣାସ୍ଥଳରୁ ଚାଳକ ଚମ୍ପଟ ମାରିଥିଲା ଓ ଗାଡିରୁ ବିପୁଳ ଗଂଜେଇ ବାହାରିଥିଲା ଓ ମାଜେଷ୍ଟଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା ଓ ଓଜନ ପରେ ୮୮କେଜି ଗଞ୍ଜେଇ ବାହାରିଥିଲା ଓ ଥାନାରେ ମାମଲା ରୁଜୁ କରି ତଦନ୍ତ ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।





# ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ :ମେୟର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଲୋକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବେ ନାହିଁ। ଅନ୍ୟ ପକ୍ଷରେ ବେସରକାରୀ ସଂଗଠନଗୁଡ଼ିକ ସରକାର କରିପାରୁ ନ ଥିବା କାର୍ଯ୍ୟକୁ କ୍ଷେତ୍ର ଉପରେ କରି ସରକାରଙ୍କୁ ସମସ୍ତ ପ୍ରକାର ସହାୟତା କରିଥାନ୍ତି ଏବଂ ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ ବୋଲି ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଛନ୍ତି। ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବେସରକାରୀ ସଂଗଠନ 'ବିକାଶ'ର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ବେସରକାରୀ ସଂଗଠନ ଭାବରେ ବିକାଶ ସଂସ୍ଥା ୪୦ ବର୍ଷ ଧରି କାର୍ଯ୍ୟ କରିବା ଏକ ବଡ଼ ସଫଳତା ଏବଂ ଏହା କୋରାପୁଟ ଓ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ୧୭ଟି ଜିଲ୍ଲାରେ ଲୋକମାନଙ୍କ ସହିତ ଅଛି ଓ କାମ କରୁଛି। ଲୋକଙ୍କ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜୀବିକା ଆଦି ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ସହାୟତା ପ୍ରଦାନ କରୁଛି ବୋଲି କହିଛନ୍ତି। ବର୍ତ୍ତମାନ ମହାନଗର ନିଗମ ଅଞ୍ଚଳରେ ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ କରୁଥିବା ଗାଡ଼ି ବଜାଉଥିବା ଗୀତକୁ ଏହି ବିକାଶ ସଂସ୍ଥା ସୃଷ୍ଟି କରିଥିଲା ବୋଲି ଶ୍ରୀମତୀ ଦାସ କହିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବିକାଶ ସଂସ୍ଥାର ଜନ୍ମଦିନ ବିଶେଷାଙ୍କର ଏକ ସ୍ୱତନ୍ତ୍ର ପୁସ୍ତିକା 'ସ୍ପନ୍ଦନ'କୁ ଉନ୍ମୋଚନ କରି ସହରୀ ଗୃହହୀନ ଲୋକମାନଙ୍କ ପାଇଁ କୋଠାଘର ଯୋଗାଇବା କ୍ଷେତ୍ରରେ ଏହି ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସେ ଦୁଇଥର ଭୁବନେଶ୍ୱର ମେୟର ରହିଥିବା ସମୟରେ ଭୁବନେଶ୍ୱର ସହରର ଅସହାୟ, ଯାଯାବର ଏବଂ ଗୃହହୀନ ଲୋକମାନଙ୍କ ପାଇଁ ଆଶ୍ରୟ ଦେବାରେ ଉଲ୍ଲେଖନୀୟ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲା। ଆଜି ଏହି ସଂଗଠନ ଓଡ଼ିଶା ବାହାରେ ଏକ ସୁସ୍ଥ ସମାଜ ଏବଂ ସୁସ୍ଥ ପରିବେଶର ବାତାବରଣ ସୃଷ୍ଟି କରିପାରିଛି ବୋଲି ଶ୍ରୀ ଜେନା କହିଥିଲେ। ସଂସ୍ଥାର ଉଦ୍‌ଘାଟନୀ ଉତ୍ସବରେ 'ଫାର୍' ଅନୁଷ୍ଠାନର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ବିଜୟ କୁମାର ବାବୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସଂଗଠନ ସକରାତ୍ମକ ଭୂମିକା ନେଇ ସମାଜର ଦଳିତ, ଅବହେଳିତ, ନିଷ୍ପେଷିତ ଲୋକଙ୍କର ଜୀବନରେ ପରିବର୍ତ୍ତନ ଆଣିବା କଥା କହିଥିଲେ। ସ୍ମାଇଲ ଫାଉଣ୍ଡେସନର ମୁଖ୍ୟ ସାମୁଏଲ ବେହେରା ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ, ଶିକ୍ଷା, ମହିଳାମାନଙ୍କ ସମସ୍ୟା, ଜୀବନ, ଜୀବିକା ଆଦି ବିଭିନ୍ନ କ୍ଷେତ୍ରରେ ବେସରକାରୀ ସଂଗଠନ ଗୁଡ଼ିକ ହିଁ ବିଗତ ବର୍ଷଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ କରାଯାଇ ପାରିଛି ବୋଲି କହିଥିଲେ। ବିକାଶ ସଂଗଠନର ଅଧ୍ୟକ୍ଷ କେ. ହରିହର ରାଓ ସେବା ଏବଂ ମାନବତାବାଦର ବିଶ୍ଳେଷଣ କରି ମହାତ୍ମା ଗାନ୍ଧୀଙ୍କର ଆଦର୍ଶକୁ ନେଇ କାର୍ଯ୍ୟ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି କହିଥିଲେ। କୌଣସି ପ୍ରକାରର ଆହ୍ୱାନର ସମ୍ମୁଖୀନ ନହେଲେ ବେସରକାରୀ ସଂଗଠନ ଆଗେଇପାରେ ନାହିଁ ଏବଂ ପ୍ରତ୍ୟେକଟି ଛୋଟ ଛୋଟ କାର୍ଯ୍ୟ ସଂଗଠନର ସଫଳତାର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ବୋଲି କହିଥିଲେ। ବୋର୍ଡ଼ର ଅନ୍ୟତମ ସଦସ୍ୟ ପ୍ରଦୀପ ପଟ୍ଟନାୟକ କହିଥିଲେ ଯେ, ୪୦ ବର୍ଷ ତଳେ ଏହି ସଂସ୍ଥାକୁ ଅଶୋକ ନନ୍ଦ ସୃଷ୍ଟି କରିଥିଲେ ଏବଂ ସେତେବେଳେ ଏକ ବେସରକାରୀ ସଂଗଠନକୁ ଚଳାଇବା ଆହ୍ୱାନପୂର୍ଣ୍ଣ ତଥା ସାମାଜିକ ଆବଶ୍ୟକ ଥିଲା। ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଅତିକ୍ରମ କରି ବିକାଶ ସଂସ୍ଥା ଆଜି ଏକ ଅଗ୍ରଣୀ ସଂସ୍ଥାରେ ପରିଣତ ହେବା ଏକ ଆନନ୍ଦର ବିଷୟ ବୋଲି କହିଥିଲେ।

# ବେଦାନ୍ତ ଆଲୁମିନିୟମର ଡିଜିଟାଲ ଶିକ୍ଷଣର ଶୁଭାରମ୍ଭ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ପିଲାକୁ ଗୁଣାତ୍ମକ ଶିକ୍ଷା ସମ୍ବଳରୁ ଶିଖିବାର ସମାନ ସୁଯୋଗ ଦିଆଗଲେ ସମାଜରେ ପ୍ରକୃତ ପ୍ରଗତି ଆରମ୍ଭ ହୁଏ। ଏହି ବିଶ୍ୱାସ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରୋଜେକ୍ଟ ବିଦ୍ୟାଗ୍ରହ ମାଧ୍ୟମରେ ମାର୍ଗଦର୍ଶନ କରିଛି, ଯାହାକି ଏକ ଅଗ୍ରଣୀ ଡିଜିଟାଲ୍ ଶିକ୍ଷଣ ପଦକ୍ଷେପ ମାଧ୍ୟମରେ ଝାରସୁଗୁଡା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ପ୍ରବେଶକୁ ପରିବର୍ତନ କରିଛି। ୨୦୨୨ ମସିହାରେ ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ଡିଜିଟାଲ୍ ଶିକ୍ଷଣ ସାମଗ୍ରୀ ଭାବରେ ୩୦୦ ରୁ ଅଧିକ ପୂର୍ବ-ରେକର୍ଡ କରାଯାଇଥିବା ପାଠ ପ୍ରଦାନ କରିଛି। ଏହି ଡିଜିଟାଲ୍ ଶିକ୍ଷଣ ମଡ୍ୟୁଲଗୁଡ଼ିକୁ ପରିପୂରକ ସମ୍ବଳ ଭାବରେ ଡିଜାଇନ୍ କରାଯାଇଛି ଯାହା ଗ୍ରାମୀଣ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରିଥାଏ। ଏହି ପ୍ରୋଜେକ୍ଟ ଝାରସୁଗୁଡା ଜିଲ୍ଲାର ୫ ଟି ବ୍ଲକର ୧୦୬ ଟି ସରକାରୀ ବିଦ୍ୟାଳୟରେ ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଛି, ଶିକ୍ଷଣ ସମ୍ବଳକୁ ୨୧,୦୦୦ ରୁ ଅଧିକ ଥର ଉପଲବ୍ଧ କରାଯାଇଛି। ପାରମ୍ପରିକ ଶିକ୍ଷାଦାନକୁ ସହଜରେ ସୁଗମ



ଡିଜିଟାଲ୍ ବିଷୟବସ୍ତୁ ସହିତ ପରିପୂରକ କରି, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ନିଜ ଗତିରେ ଶିଖିବାକୁ ଏବଂ ଆବଶ୍ୟକ ଅନୁଯାୟୀ ଜଟିଳ ବିଷୟଗୁଡ଼ିକୁ ପୁନଃପଠନ କରିବାକୁ ସଶକ୍ତ କରେ, ଯାହା ଦ୍ୱାରା ଉନ୍ନତ ଶୈକ୍ଷିକ ଫଳାଫଳ ସମ୍ଭବ ହୁଏ। ଲାଇକେରାର କୈଳାସ ଭାଇ ଜୟସ୍ୱାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଆଲିଭ ରଞ୍ଜନ ପ୍ରୁସେଥ ଏହି ବର୍ଷ ତାଙ୍କ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ୯୩.୩୩% ସ୍କୋର କରିଛନ୍ତି। ତାଙ୍କ ପାଇଁ, ବିଦ୍ୟାଗ୍ରହଙ୍କ ଭିଡିଓ ପାଠ ଏବଂ ଇଂଟରାକ୍ଟିଭ୍ ସମ୍ପ୍ରଦାୟ ଶ୍ରେଣୀଗୁଡ଼ିକ ସେହି ବିଷୟଗୁଡ଼ିକରେ ସ୍ପଷ୍ଟତା ପ୍ରଦାନ କରିଛି ଯାହା ଥରେ ବହୁତ କଷ୍ଟକର ମନେ ହେଉଥିଲା। 'ପାଠଗୁଡ଼ିକ ପର୍ଯ୍ୟାୟକ୍ରମେ ସବୁକିଛି ବୁଝାଯାଇପାରୁଥିଲା। ଯଦି ମୁଁ ପ୍ରଥମ ଥର କିଛି ବୁଝିପାରି ନଥିଲି, ତେବେ ମୁଁ ପୁଣି ଥରେ ଶିଖିପାରିଥିଲି, ଆତ୍ମବିଶ୍ୱାସ ହାସଲ କରିଥିଲି ବୋଲି ଆଲିଭ କହିଛନ୍ତି। ଏକାତାଲିର ମ୍ୟୁନିସିପାଲ୍ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ଦଳାଇ ତାଙ୍କ ଚିନ୍ତାଧାରା ବ୍ୟକ୍ତକରି କହିଛନ୍ତି ସେ ତାଙ୍କ ବୋର୍ଡ ପରୀକ୍ଷାରେ ପ୍ରଭାବଶାଳୀ ୯୩.୩୩% ହାସଲ କରିଥିଲେ, ବିଦ୍ୟାଗ୍ରହଙ୍କ ମିଶ୍ରିତ ଶିକ୍ଷା ମଡେଲ୍ ମାଧ୍ୟମରେ ନୂତନ ସମର୍ଥନ ପାଇଥିଲେ। ତାଙ୍କ ପାଇଁ, ବିଦ୍ୟାଗ୍ରହ ଆପ୍ ଏବଂ ଶ୍ରେଣୀଗୁଡ଼ିକ ଏକ ସଂରଚିତ, ଉତ୍ସାହଜନକ ପରିବେଶ ସୃଷ୍ଟି କରିଥିଲା ଯାହାକି ତାଙ୍କୁ ପ୍ରେରଣା ଦେଇଥିଲା। 'ଆପ୍ ଏବଂ ଶ୍ରେଣୀଗୁଡ଼ିକ ସହିତ, ମୁଁ ପ୍ରତ୍ୟେକ ପଦକ୍ଷେପରେ ସମର୍ଥିତ ଅନୁଭବ କରିଥିଲି। ସ୍ପଷ୍ଟ ମାର୍ଗଦର୍ଶନ ଏବଂ ସ୍ଥିର ପ୍ରୋତ୍ସାହନ ମୋତେ ଭଲ କରିବାକୁ ସାହାଯ୍ୟ କରିଥିଲା ବୋଲି ମଧୁସ୍ମିତା କୁହନ୍ତି। ଆଲିଭ ଏବଂ ମଧୁସ୍ମିତା ଦୃଢ଼ ନିଷ୍ଠା ଏବଂ କଠିନ ପରିଶ୍ରମ ମାଧ୍ୟମରେ ଶିକ୍ଷାଗତ ସଫଳତାର ଉଜ୍ଜ୍ୱଳ ଉଦାହରଣ, ଏବଂ ସେମାନଙ୍କ କାହାଣୀଗୁଡ଼ିକ ବେଦାନ୍ତର ଶିକ୍ଷା ପଦକ୍ଷେପ ଦ୍ୱାରା ଗ୍ରାମୀଣ ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ। ସମଗ୍ର ଝାରସୁଗୁଡ଼ାରେ, ଶିକ୍ଷକମାନେ ଅଧିକ ନିୟୋଜିତ, ଉନ୍ନତ ଶିକ୍ଷାଗତ ଫଳାଫଳ ହାସଲ କରୁଥିବା ଏବଂ ନୂତନ କୌତୁହଳ ସହିତ ସେମାନଙ୍କ ଅଧ୍ୟୟନକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ଦେଖୁଛନ୍ତି। ଏହି ପଦକ୍ଷେପର ପ୍ରଭାବ ବିଷୟରେ କହି, ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ ତାଙ୍କର ମତାମତ ଦେଇ କହିଛନ୍ତି 'ଶିକ୍ଷା ହେଉଛି ସାମାଜିକ ପ୍ରଗତିରେ ମୂଳଦୁଆ, ଏବଂ ଏକ ଉଜ୍ଜ୍ୱଳ କାଲି ଗଠନ ପାଇଁ ଆମକୁ ସଶକ୍ତ କରିବା ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମ୍ବଲପୁରର ସମସ୍ତ...

ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ। ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ- ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲା କୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ। ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା' ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ନୂଆଁଖାଇ କେବଳ ଗୋଟିଏ ଦିନର କି ଦୁଇ ଦିନର ପର୍ବ ନୁହେଁ । ଏହା ହେଉଛି ଗଣପର୍ବ। ବହୁତ ଦିନ ଧରି ଏହା ଚାଲେ, ବାସି, ତିଆସି ଭାବେ । ଏଣୁ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ, ଆମ ସରକାର ଚଳିତ ବର୍ଷ ନୂଆଁଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଭାବେ ଘୋଷଣା କରିଥିଲେ । ନୂଆଁଖାଇ ଆମକୁ କହେ— ପରିବାରରେ ଏକତା ରଖ। ସମାଜରେ ଶାନ୍ତି ଓ ସହଯୋଗକୁ ବଢାଅ।ପ୍ରକୃତିକୁ ମା' ଭାବି ସମ୍ମାନ କର। କୃଷକଙ୍କୁ ସମ୍ମାନ ଦେଇ, ସେମାନଙ୍କ ପରିଶ୍ରମକୁ ସଫଳ ରୂପାୟନ କରିବାରେ ନିଜକୁ ସାମିଲ କରିବା। ନୂଆଁଖାଇ କେବଳ ପର୍ବ ନୁହେଁ—ଏହା ଆମର 'ଅସ୍ତିତ୍ୱର ପରିଚୟ'।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ମା' ସମଲେଶ୍ୱରୀ ମନ୍ଦିର ଏବଂ ମା' ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ମହାନଦୀ ଜଳବିବାଦ...

କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ଯାହାକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଶନିବାର ଶୁଣାଣିବେଳେ ଏଜି ଶ୍ରୀ ଆଚାର୍ଯ୍ୟ ଅଗଷ୍ଟ ୨ତାରିଖ ପରଠୁ ଏପର୍ଯ୍ୟନ୍ତ ଏହି ବିବାଦର ସମାଧାନ ଦିଗରେ ଦୁଇ ରାଜ୍ୟ ନେଇଥିବା ପଦକ୍ଷେପ ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ବିବାଦର ସମାଧାନ ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯାଇଛି ତାହା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛି । ଦୁଇ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଓଡ଼ିଶା ପ୍ରୟାସ କରୁଛି । ଗତ ସାତ ବର୍ଷ ଧରି ଏହି ମାମଲାରେ ବିଶେଷ ଅଗ୍ରଗତି ହୋଇନଥିବା ବେଳେ, ଟ୍ରିବ୍ୟୁନାଲଙ୍କ ସକରାତ୍ମକ ଆଭିମୁଖ୍ୟ ଓ କେନ୍ଦ୍ର ସରକାରଙ୍କ ସକ୍ରିୟ ହସ୍ତକ୍ଷେପ ତଥା ଦୁଇ ରାଜ୍ୟର ସହଯୋଗୀ ମନୋଭାବ ଯୋଗୁ ଏହି ବିବାଦ ସମାଧାନର ଆଶା ଉଜ୍ଜ୍ୱଳ ହୋଇଛି । ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବିଏମ୍ ତ୍ରିବେଦୀ ଓଡ଼ିଶାର ଏହି ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହ ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ୍...

ଏହାକୁ ଦୃଷ୍ଟିରେ ରଖି, ଆମେରିକା ଅଗଷ୍ଟ ୨୭ରୁ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା ଏବଂ ଆଗାମୀ ମାସଗୁଡ଼ିକରେ ଅତିରିକ୍ତ କଟକଣା ଲଗାଇବା ବିଷୟରେ ମଧ୍ୟ ଚେତାବନୀ ଦେଇଥିଲା।

ଏହି ଜାନୁଆରୀରେ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଟ୍ରମ୍ପ ବର୍ଷ, ଋଷିଆ ସହିତ ବ୍ୟବସାୟ କରୁଥିବା ଦେଶଗୁଡ଼ିକ ବିରୋଧରେ 'ଫେଜ -୨' ଏବଂ 'ଫେଜ -୩' ଶୁଳ୍କ ଲାଗୁ କରିବାକୁ ଧମକ ଦେଇଥିଲେ। ଚାଇନା ପରେ ଭାରତକୁ ରୁଷିଆ ତୈଳର ଦ୍ୱିତୀୟ ସର୍ବବୃହତ କ୍ରେତା ଭାବରେ ବର୍ଣ୍ଣନା କରି କହିଥିଲେ ଯେ, ଯଦି ଭାରତ ରୁଷରୁ ତେଲ ଆମଦାନୀ ଜାରି ରଖେ, ତେବେ ଏହାକୁ ଜରିମାନା ଦେବାକୁ ପଡ଼ିବ। ଏସବୁ କଥାର ଜବାବ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଜିଏସ୍ଟି ହାରରେ ସଂସ୍କାର ଶୁଳ୍କ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରିବ।

## ଚନ୍ଦ୍ରଗ୍ରହଣ ପାଇଁ ...

ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ତିଥିରେ ପଡୁଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଜ୍ୟୋତିଷ ରାଜପଣ୍ଡିତ ଶିବନାରାୟଣ ମହାପାତ୍ର ଗଣନା କରି କହିଛନ୍ତି ଯେ ୬ ମାସ ବ୍ୟବଧାନରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଥିବାରୁ ରାଜ୍ୟକୁ ଅଶୁଭ ବେଳା ରହିଛି । ଯେମିତି ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିପାରେ ଓଡ଼ିଶା । ଭାଦ୍ରବ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତଥା ଭାଗବତ ଜନ୍ମରେ ପଡୁଛି ପ୍ରଥମ ଚନ୍ଦ୍ର ଗ୍ରହଣ। ତେବେ ଭାଦ୍ରବ ପୂର୍ଣ୍ଣିମାରେ ହେବାକୁଥିବା ଚନ୍ଦ୍ର ଗ୍ରହଣ ହେଉଛି ରାହୁ ଗ୍ରସ୍ତ ଖ ଗ୍ରାସ ଚନ୍ଦ୍ର ଗ୍ରହଣ। ତେବେ ଚନ୍ଦ୍ର ଗ୍ରହଣ ପୁରୀରେ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରୁ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ସାଢେ ତିନିଘଣ୍ଟା ଧରି ଏହା ଅନୁଷ୍ଠିତ ହେବ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏକ ଅଳ୍ପ ସମୟ ମଧ୍ୟରେ ଦୁଇଟି ଚନ୍ଦ୍ରଗ୍ରହଣ ଘଟିବା ଏକ ଅସାଧାରଣ ଘଟଣା ଏବଂ ଏହା ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ଗ୍ରହଣଗୁଡିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ପର୍ବପର୍ବାଣି ସହ ସମ୍ପୃକ୍ତ ହୋଇଥିବାରୁ ଏହାର ପ୍ରଭାବ ଆହୁରି ଗୁରୁତର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ଟ୍ରମ୍ପଙ୍କ ସକାରାତ୍ମକ ...

ମୋଦୀ ସର୍ବଦା ତାଙ୍କର ବନ୍ଧୁ ରହିବେ। ସେ ଆଶ୍ୱାସନା ଦେଇଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ବିଷୟରେ କାହାକୁ ଚିନ୍ତା କରିବାର ଆବଶ୍ୟକତା ନାହିଁ।

## ସାଇନ୍ସ ସିଟି ...

ଅବଦୁଲ କଲାମ ବିଜ୍ଞାନ ସିଟି ପରିଦର୍ଶନ କରିଥିଲେ । ଏଥିସହ ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ ।

ଆମ ରାଜ୍ୟରେ ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନୀମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ସହିତ ବୈଜ୍ଞାନିକ ଅଧ୍ୟୟନ ଓ ଉଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଭାବନ ଓ ଶିକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯିବ ଏବଂ ବିହାର ରାଜ୍ୟର ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ । ଆବଶ୍ୟକ କ୍ରମେ ସେମାନଙ୍କ ପରାମର୍ଶ ମଧ୍ୟ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

## ଏଫଏମ ଦ୍ୱାରା ...

ହେଲେ ଆମକୁ ଜଣାଇ ପାରିବେ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ।

## ସତ ହେବାକୁ ଯାଉଛି ...

ପାଉଛି। ହୁ କହିଥିଲା ଯେ ବର୍ତ୍ତମାନ ୧୧୯ ଦେଶର ପ୍ରାୟ ୫୬୦କୋଟି ଲୋକ ଚିକୁନଗୁନିଆ ସଂକ୍ରମଣର ବିପଦରେ ଅଛନ୍ତି । ପ୍ରତିବର୍ଷ କେବଳ ଚୀନରେ ନୁହେଁ ବରଂ ଭାରତରେ ମଧ୍ୟ ଚିକୁନଗୁନିଆ ସଂକ୍ରମଣର ବିପଦ ରହିଛି ।


ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ**

ଘୋଷଣା କରୁଛନ୍ତି

**ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି**

ଅନୁସୂଚୀତ ଜାତି ତଥା ଅନ୍ୟ ଅନୁନ୍ନତ ସମ୍ପ୍ରଦାୟଙ୍କ ବିଦ୍ୟାଳୟ ଶିକ୍ଷା ପ୍ରାପ୍ତିକୁ ସହଜ କରିବା ନିମନ୍ତେ

**ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା ଅଧୀନରେ ୨୦୨୫-୨୬ ବର୍ଷ ପାଇଁ ଛାତ୍ରବୃତ୍ତି**

**ବିଭାଗ-୧: ଅନୁସୂଚିତ ଜାତି ଛାତ୍ରଙ୍କ ପାଇଁ ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି**

| ଯୋଗ୍ୟତା | ସୁଯୋଗ | ଛାତ୍ରବୃତ୍ତି |
|---|---|---|
| • ଅନୁସୂଚିତ ଜାତି ବର୍ଗର ଛାତ୍ର<br>• ପିତାମାତା / ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୯ମ ଏବଂ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ।<br>• ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ହିତାଧିକାରୀ ଚୟନ କରାଯିବ।<br>• ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା ଦିଆଯିବ। | • ପ୍ରତିବର୍ଷ ଡେ ସ୍କଲାରଙ୍କ ପାଇଁ ୩୫୦୦ ଏବଂ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କ ପାଇଁ ୭୦୦୦/- ଟଙ୍କା ଶିକ୍ଷାଗତ ଭତ୍ତା ଦିଆଯିବ<br>• ଦିବ୍ୟାଙ୍ଗ ଛାତ୍ର (ବିଶେଷ ଭାବରେ ସକ୍ଷମ)ଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା। |

**ବିଭାଗ- ୨: ଅସ୍ୱାସ୍ଥ୍ୟକର ଏବଂ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ ପିତାମାତା/ଅଭିଭାବକଙ୍କ ପିଲାମାନଙ୍କ ପାଇଁ ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି**

| ଯୋଗ୍ୟତା | ସୁଯୋଗ | ଛାତ୍ରବୃତ୍ତି |
|---|---|---|
| • ଯେଉଁ ଛାତ୍ରମାନଙ୍କର ପିତାମାତା / ଅଭିଭାବକମାନେ ଅସ୍ୱଚ୍ଛ ଏବଂ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ ଅଛନ୍ତି।<br>• କୌଣସି ଆୟ ସୀମା ଯୋଗ୍ୟତା ନାହିଁ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ର।<br>• ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ହିତାଧିକାରୀ ଚୟନ କରାଯିବ।<br>• ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା ଦିଆଯିବ। | • ପ୍ରତିବର୍ଷ ଡେ ସ୍କଲାରଙ୍କ ପାଇଁ ୩୫୦୦ ଟଙ୍କା ଏବଂ ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ପାଇଁ ୮୦୦୦ ଟଙ୍କା ଶିକ୍ଷାଗତ ଭତ୍ତା ଦିଆଯିବ<br>• ଦିବ୍ୟାଙ୍ଗ ଛାତ୍ର (ବିଶେଷ ଭାବରେ ସକ୍ଷମ)ଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା। |

**ଛାତ୍ରଙ୍କର ଏକ ବୈଧ ମୋବାଇଲ୍ ନମ୍ବର, ଆଧାର ନମ୍ବର (UID), ଆଧାର ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ, ଆୟ ପ୍ରମାଣପତ୍ର, ପୂର୍ବ ବର୍ଷର ମାର୍କ ସିଟ୍ ଏବଂ ଜାତି ପ୍ରମାଣପତ୍ର ଥିବା ଆବଶ୍ୟକ।**

ଯୋଜନା ନିର୍ଦ୍ଦେଶାବଳୀ ଏବଂ ବିସ୍ତୃତ ଯୋଗ୍ୟତା ମାନଦଣ୍ଡ ତଳେ ଦିଆଯାଇଥିବା ଲିଙ୍କରେ ଉପଲବ୍ଧ।

**https://socialjustice.gov.in/schemes/23**

ସ୍କିମ୍ ନିର୍ଦ୍ଦେଶାବଳୀ ପାଇଁ କୋଡ୍ ସ୍କାନ୍ କରନ୍ତୁ

cbc 38101/11/0018/2526


## ସାମ୍ବାଦିକଙ୍କ ମାତୃବିୟୋଗ

**କଟକ, ନ୍ୟୁଜ ବ୍ୟୁରୋ**



କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ନିବାସୀ ଧର୍ମନିଷ୍ଠ, ପରୋପକାରୀ, ଅତ୍ୟନ୍ତ ସ୍ନେହୀ ଓ ସମସ୍ତିଙ୍କ 'ବଣିଆ ମା' ଶ୍ରୀମତୀ ଦୁଃଖୀ ସେନାପତି ଇହଲୀଳା ସମ୍ବରଣ କରି ପରଲୋକ ଗମନ କରିଛନ୍ତି। ସେ ସ୍ୱର୍ଗତ ଲକ୍ଷ୍ମଣ ସେନାପତିଙ୍କର ଧର୍ମପତ୍ନୀ ଥିଲେ ତଥା ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ସେନାପତି ଓ କାଳୀ ଚରଣ ସେନାପତିଙ୍କର ମାତା ଥିଲେ। ତାଙ୍କ ଅବର୍ତ୍ତମାନରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
OFFICE OF THE SUPERINTENDING ENGINEER, M.I. DIVISION, ANANDAPUR
AT/P.O: - Salapada, Dist- Keonjhar, Pin Code- 758020

A-578

-mail ID: - mianandapur@yahoo.co.in
eemidanandapur@gmail.com

e- Procurement Notice

**Bid Identification No.- 09 / MIDA / 2025-26**

**e-mail ID: mianandapur@yahoo.co.in**

The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Construction of New Check Dam under Ghatagaon block under MATY scheme |
| No. of Works: | 02 (Two) Nos only |
| Estimated Cost: | Varies from 57.43 lakhs to 69.88 lakh (Approximately) |
| Cost of Tender Paper: | 10000/- (Non-refundable) |
| Period of Completion: | 6 (Six) Calendar months |
| Availability of bid documents for sale and receipt through on-line | From dt. 09.09.2025, 10.00 A.M, to dt.18.09.2025, up to 5.00 P.M. |
| Last date / time of receipt of bids in the portal | 18.09.2025 (5.00PM) |
| Date of Technical bid opening through online | On dt.19.09.2025 at 10.00 A.M in the Office of the S.E, M.I. Division, Anandapur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Anandapur. At / P.O / District – Keonjhar. Email ID:mianandapur@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

OIPR-32108/11/0036/2526

Superintending Engineer,
M.I. Division, Anandapur.



## ନୂଆଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ, ଶିକ୍ଷକ ଶିକ୍ଷୟତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ ଗୋଟି (ପ୍ରଥମରୁ ରୁ ଦ୍ୱାଦଶ ଶ୍ରେଣୀ ପର୍ଯନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ସୃଷ୍ଟି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉତ୍ତମ ଭିତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ । ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା,ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା,ସୁବର୍ଣ୍ଣପୁର



## AFFIDAVIT

By Virtue Of an affidavit sworn before notary public, Bhubaneswar I, Mr. Arun Kumar Naik, aged about 54 years, S/o-Sobha Chandra Naik, resident At/Po-Duduka, Dist-Sundergarh, Pin-770076 do hereby solemnly affirm and states that, my son's actual and correct name is Priyangshu Naik, but in some document (Aadhar No-3333 3240 1933) my son name has been wrongly mentioned as Priyanshu Naik.
I do hereby declare that, Priyangshu Naik and Priyanshu Naik is one and same person for all Purposes.

Arun Kumar Naik

ଭୁବନେଶ୍ୱର
୦୭ ସେପ୍ଟେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଜ୍ୟ ଚାହିଁଲେ ପେଟ୍ରୋଲ, ଡିଜେଲରେ ଲାଗିବ ଜିଏସ୍‌ଟି : ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ ୦୬/୦୯**



ଆମେ ଜାଣିଶୁଣି ପେଟ୍ରୋଲ-ଡିଜେଲକୁ ଜିଏସ୍‌ଟିରୁ ବାଦ ଦେଇନୁ। ଆଇନ ସମ୍ମତ ଭାବେ ଆମେ ଏହା ଉପରେ ଜିଏସ୍‌ଟି ନେଇ ପ୍ରସ୍ତୁତ ରହିଛୁ। ମାତ୍ର ରାଜ୍ୟଗୁଡ଼ିକ ଏହାକୁ ନେଇ ସହମତ ହେବା ଆବଶ୍ୟକ । ରାଜ୍ୟଗୁଡ଼ିକ ପକ୍ଷରୁ ଏହି ନିଷ୍ପତ୍ତି ଆସିବାର ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଏବେ ପେଟ୍ରୋଲ ଏବଂ ଡିଜେଲ ଉପରେ କେନ୍ଦ୍ର ସରକାର ଉତ୍ପାଦ ଟିକସ ଏବଂ ରାଜ୍ୟଗୁଡ଼ିକ ଭାଟ୍ ଲାଗୁ କରୁଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ରାଜସ୍ୱ ଉପରେ ବିଶେଷ ଭାବେ ନିର୍ଭର କରନ୍ତି । ଫଳରେ ତେଲକୁ ଜିଏସ୍‌ଟି ପରିସରକୁ ଆଣିବା ଏକ ସମ୍ବେଦନଶୀଳ ଏବଂ ଜଟିଳ ବ୍ୟାପାର । ବର୍ତ୍ତମାନ ସରକାର ଏହାକୁ ଜିଏସ୍‌ଟି ପରିସର ବାହାରେ ରଖି ନିଶ୍ଚିତ କରିଛନ୍ତି ଯେ, ଉଭୟ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ରାଜସ୍ୱ ବାଧାପ୍ରାପ୍ତ ହେବନି । ଜିଏସ୍‌ଟି ୨.୦ ବ୍ୟବସ୍ଥାରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର କମାଇବା ଉପରେ ଫୋକସ କରାଯାଇଛି । ଅଟୋମୋବାଇଲ ସହ ଅନ୍ୟ ଶିଳ୍ପ ମଧ୍ୟ ଏହା ଦ୍ୱାରା ଉତ୍ସାହିତ ହେବ । ମାତ୍ର ତେଲକୁ ଦେଖିଲେ ଏବେ ଯାଏ ସେଭଳି କିଛି ପରିବର୍ତ୍ତନ ହୋଇନି । ରାଜ୍ୟଗୁଡ଼ିକ ପକ୍ଷରୁ କୌଣସି ଚୂଡ଼ାନ୍ତ ସହମତି ନ ଆସିବା ଯାଏ ପେଟ୍ରୋଲ ଡିଜେଲ ପରୋକ୍ଷ ଟିକସ ବ୍ୟବସ୍ଥା ପରିସରକୁ ଆସିବନି। ବର୍ତ୍ତମାନ ଏହାକୁ ଜିଏସ୍‌ଟି ପରିସରକୁ ଆଣିବା ଲାଗି କିଛି ଠୋସ ନିଷ୍ପତ୍ତି ନେଇନାହାନ୍ତି । ସାମଗ୍ରୀ ଏବଂ ସେବା ଲାଗି ଟିକସ ବ୍ୟବସ୍ଥାକୁ ସରଳୀକରଣ କରିବା ଧ୍ୟାନ ରହିଛି। ଯେତେବେଳେ ରାଜ୍ୟ ଏ ନେଇ ପ୍ରସ୍ତୁତ ହେବେ, ସେବେ ତେଲ ଉପରେ ଜିଏସ୍‌ଟି ଲାଗିବ ବୋଲି ସୀତାରମଣ ସ୍ପଷ୍ଟ କରିଛନ୍ତି ।





ସମ୍ବଲପୁର : ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ

**ଭୁବନେଶ୍ୱର, ୦୬/୦୯**
**ନ୍ୟୁଜ ବ୍ୟୁରୋ**

ବିଧାନସଭାର ୪ ନମ୍ବର ୟୁନିଟ୍‌ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ସମ୍ପ୍ରସାରିତ ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ନୂଆ ପୁରୁଣାକୁ ମିଶାଇ ଅତିଥି ଭବନର ରୁମ୍ ସଂଖ୍ୟା ୫୭କୁ ବୃଦ୍ଧି ପାଇବ। ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ।



ସୂଚନାନୁଯାୟୀ, ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନ ଅଭାବର ସମସ୍ୟା ଦେଖାଦେଉଛି । ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଶନିବାର ବିଧାନସଭାର ୪ ନମ୍ବର ୟୁନିଟ୍‌ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ କରାଯାଇଛି। ଏହି ତିନି ମହଲା ବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବାବେଳେ ଏହିସବୁ ବିଲ୍‌ଡିଂ ଲିଫ୍ଟ ଦ୍ୱାରା ସଂଯୁକ୍ତ ହେବ। ମୋଟ ୯ ହଜାର ବର୍ଗଫୁଟରୁ ଊର୍ଦ୍ଧ୍ୱ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବ। ଆଗାମୀ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟ ପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବା ବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭ ହେବ । ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ୍‌ର ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହା ଦ୍ୱାରା ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ମୁମ୍ବାଇକୁ ପ୍ରବେଶ କରିଛି ୧୪ ଆତଙ୍କବାଦୀଙ୍କ ସହ ୪୦୦କିଲୋ ଆରଡିଏକ୍ସ**

# ଆତ୍ମଘାତୀ ଆକ୍ରମଣ ପାଇଁ ଧମକ ଦେଇଥିବା ବ୍ୟକ୍ତି ଗିରଫ

**ନୂଆଦିଲ୍ଲୀ,୦୬/୦୯**

ଅଚାନକ ମୁମ୍ବାଇ ପୁଲିସକୁ ହ୍ୱାଟ୍‌ସଆପ୍‌ରେ ଏକ ଧମକପୂର୍ଣ୍ଣ ମେସେଜ୍ ଆସିଛି । ଏହା ପରେ ହଇଚଇ ସୃଷ୍ଟି ହୋଇଯାଇଛି। ସେଥିରେ ଲେଖାଅଛି, "ଆର୍ଥିକ ରାଜଧାନୀ ମୁମ୍ବାଇ ବିପଦରେ ! ୩୪ ଗାଡ଼ିରେ ୪୦୦ କିଲୋଗ୍ରାମ୍ ଓଜନର ଆରଡିଏକ୍ସ ଧରି ବୁଲୁଛନ୍ତି ଲସ୍କର ଏ-ଜିହାଦୀର ୧୪ ପାକିସ୍ତାନୀ ଆତଙ୍କବାଦୀ। ସେମାନେ ମୁମ୍ବାଇରେ ଭୟଙ୍କର ବୋମା ବିସ୍ଫୋରଣ ଘଟାଇବାକୁ ପ୍ଲାନ କରୁଛନ୍ତି । ଏହି ବିସ୍ଫୋରଣ ଏତେ ପ୍ରଚଣ୍ଡ ହେବ ଯେ, ୧ କୋଟି ଲୋକଙ୍କ ଜୀବନହାନି ହୋଇପାରେ।" ଏହି ଧମକପୂର୍ଣ୍ଣ ମେସେଜ ପଠାଇଥିବା ବ୍ୟକ୍ତିଙ୍କୁ ନୋଏଡା ସେକ୍ଟର ୧ରୁ ଗିରଫ କରାଯାଇଛି । ମେସେଜ ପଠାଇଥିବା



ବ୍ୟକ୍ତି ଜଣକ ହେଉଛନ୍ତି ବିହାର ପାଟଳିପୁତ୍ରର ୫୧ ବର୍ଷୀୟ ଅଶ୍ୱିନୀ କୁମାର । ସେ ଗତ ୫ ବର୍ଷ ହେବ ନୋଏଡାରେ ରହୁଛନ୍ତି । ସେ ବୃତ୍ତିରେ ଜଣେ ଜ୍ୟୋତିଷ ହୋଇଥିବା ପୁଲିସ ସୂଚନା ଦେଇଛି । ବ୍ୟକ୍ତିଙ୍କ ଫୋନ୍ ଓ ସିମ୍ କାର୍ଡ ଜବତ କରିଛି ପୁଲିସ । ଅଶ୍ୱିନୀଙ୍କୁ ପଚରାଉଚରା ଜାରି ରହିଛି। ଅଶ୍ୱିନୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆର ଅନୁଯାୟୀ, ସେ ତାଙ୍କ ବନ୍ଧୁ ଫିରୋଜଙ୍କ ପାଇଁ ମୁମ୍ବାଇ ଟ୍ରାଫିକ ପୁଲିସକୁ ଆତଙ୍କବାଦୀ ଧମକ ମେସେଜ ଦେଇଥିଲେ। ପାଟନାର ଫୁଲୱାରି ସରିଫରେ ଫିରୋଜଙ୍କ ଦ୍ୱାରା ଦାୟର ଏକ ମାମଲା ଆଧାରରେ ଗିରଫ ହେବା ପରେ ଅଶ୍ୱିନୀ ୨୦୨୩ ମସିହାରେ ୩ ମାସ ଜେଲରେ ବିତାଇଥିଲେ । ଏହାର ପ୍ରତିଶୋଧ ନେବା ପାଇଁ, ଅଶ୍ୱିନୀ ଫିରୋଜଙ୍କ ନାମରେ ମୁମ୍ବାଇକୁ ଏକ ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ବାର୍ତ୍ତା ପଠାଇଥିଲେ । ଅଶ୍ୱିନୀଙ୍କ ପାଖରୁ ୭ ମୋବାଇଲ୍ ଫୋନ୍, ୩ ସିମ୍ କାର୍ଡ, ୬ ମେମୋରୀ କାର୍ଡ ହୋଲ୍ଡର, ଗୋଟିଏ ସିମ୍ ସ୍ଲଟ୍, ଦୁଇଟି ଡିଜିଟାଲ୍ କାର୍ଡ, ୪ଟି ସିମ୍ କାର୍ଡ ଧାରକ ଏବଂ ଗୋଟିଏ ମେମୋରୀ କାର୍ଡ ହୋଲ୍ଡର ଜବତ ହୋଇଛି । ୨୬/୧୧ ଆତଙ୍କବାଦୀ ଆକ୍ରମଣ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ସେ ଦିନ ମନେ ପଡିଲେ ଛାତି ଥରିଉଠେ । ଏ ଦିନକୁ ଭୁଲି ପାରିନାହାନ୍ତି ଦେଶବାସୀ। ଗଣେଶ ବିସର୍ଜନ ପାଇଁ ଏବେ ଉତ୍ସବମୁଖର ମୁମ୍ବାଇ । ହେଲେ ଶୁକ୍ରବାର ବିଳମ୍ବିତ ରାତିରେ ମୁମ୍ବାଇ ଟ୍ରାଫିକ୍ ପୁଲିସକୁ ଆସିଥିବା ଧମକପୂର୍ଣ୍ଣ ମେସେଜକୁ ନେଇ ହଇଚଇ ସୃଷ୍ଟି ହୋଇଛି । ମାୟାନଗରୀରେ ହାଇଆଲର୍ଟ ଜାରି ହୋଇଛି । ସୁରକ୍ଷା କଡ଼ାକଡ଼ି କରାଯାଇଛି। କେତେକ ସ୍ଥାନରେ କମ୍ବିଂ ଅପରେସନ ଜୋରଦାର ହୋଇଛି। ଏହାଛଡ଼ା ସନ୍ଦିଗ୍ଧମାନଙ୍କ ଗତିବିଧି ନଜରକୁ ଆସିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ କୁହାଯାଇଛି। ପୁଲିସକୁ ମେସେଜ୍ ପଠାଇଥିବା ବ୍ୟକ୍ତି ନିଜକୁ 'ଲସ୍କର-ଏ-ଜିହାଦୀ' ସଙ୍ଗଠନର ସଦସ୍ୟ ଦର୍ଶାଇଛି।

## 'ପ୍ରଣମ୍ୟ ପ୍ରହରାଜ' କାର୍ଯ୍ୟକ୍ରମ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ

# 'ପୂର୍ବସୂରୀଙ୍କ ସାହିତ୍ୟ ଅଧ୍ୟୟନ ଜରୁରୀ'




**ଭୁବନେଶ୍ୱର, ୬/୯ ନ୍ୟୁଜ ବ୍ୟୁରୋ**

ଦିବଂଗତ କବି ପ୍ରହରାଜ ସତ୍ୟ ନାରାୟଣ ନନ୍ଦଙ୍କ ସାରସ୍ୱତ ଅବଦାନ ବିପୁଳ କିନ୍ତୁ ବିଶେଷ ଭାବରେ ଅନାଲୋଚିତ। ସମକାଳ ଲେଖକମାନେ ପୂର୍ବସୂରୀମାନଙ୍କ ରଚନା ନେଇ ଅଧିକ ଆବଶ୍ୟକତା ରହିଛି ବୋଲି ପ୍ରସିଦ୍ଧ କବି ଫନୀ ମହାନ୍ତି ପ୍ରକାଶ କରିଛନ୍ତି । ଶନିବାର ସନ୍ଧ୍ୟାରେ ଜୟଦେବ ଭବନରେ ଅନୁଷ୍ଠିତ 'ପ୍ରଣମ୍ୟ ପ୍ରହରାଜ' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମର୍ମରେ ମତ ଦେଇଛନ୍ତି । ବର୍ଷା ପବ୍ଲିକେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ବିଜୟଲକ୍ଷ୍ମୀ ଦାଶ ଓ ବିଶିଷ୍ଟ କବି ତଥା ସ୍ତମ୍ଭକାର କେଦାର ମିଶ୍ର ଯଥାକ୍ରମେ ମୁଖ୍ୟ ବକ୍ତା ତଥା ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇ ପ୍ରହାରାଜଙ୍କ ସାହିତ୍ୟକୃତିର ସଦୃଷ୍ଟାନ୍ତ ଆଲୋଚନା କରିଥିଲେ । ପ୍ରହରାଜଙ୍କ ସାନଭାଇ ପ୍ରହରାଜ ଜୟନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଉପକ୍ରମ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅତିଥିମାନେ ପ୍ରହାରାଜଙ୍କ ରଚିତ ଦୁଇଟି ବହି 'ଗୀତଗୋବିନ୍ଦ ଭାବା-ନୁବାଦ' ଓ 'ପେଟାଲସ ଅଫ ଲଭ' ପାଠକାର୍ପିତ କରିଥିଲେ। ବର୍ଷା ପବ୍ଲିକେସନର ନିର୍ଦ୍ଦେଶକ ବାଦଲ ମହାନ୍ତି ପ୍ରକାଶକୀୟ ଅଭିବ୍ୟକ୍ତି ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗବେଷକ-ସ୍ତମ୍ଭକାର ଅସିତ ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକ, ସଂସ୍କୃତିପ୍ରେମୀ ଓ ପ୍ରହରାଜ ପରିବାରର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

**ରାଜ୍ୟସ୍ତରୀୟ ତୃତୀୟ ସାଇ ଭକ୍ତ ସମ୍ମିଳନୀ**

# ଡ. ପ୍ରଦୀପ ଚୌଧୁରୀଙ୍କ ଆଧ୍ୟାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମ ଯୋଗୀ ସାଇ' ଉନ୍ମୋଚିତ

**ଭୁବନେଶ୍ୱର, ୬/୯**
**ନ୍ୟୁଜ ବ୍ୟୁରୋ**

ଜୟଦେବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀର ଏକ ଭବ୍ୟ ସମାରୋହ ଉତ୍ସବରେ ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ସାଇବାବାଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମଯୋଗୀ ସାଇ' ଉନ୍ମୋଚିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବ୍ୟ ସାଇଭକ୍ତ ସମ୍ମିଳନୀରେ ଅନନ୍ୟ ବିଶିଷ୍ଟ ସାଇଭକ୍ତ ପ୍ରଫେସର ଡ ବିଜୟା ମିଶ୍ର, ବରିଷ୍ଠ ସାହିତ୍ୟିକା ଶ୍ରୀମତୀ ବନଜା ଦେବୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ଅନନ୍ୟ ସାଇଭକ୍ତ ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମିଳନୀର ମୁଖ୍ୟ ଆୟୋଜକ ପବିତ୍ର ମୋହନ ସାମଲଙ୍କ କରକମଳରେ ପୁସ୍ତକଟି




ବାବାଙ୍କୁ ଅର୍ପଣ କରି ଲୋକାର୍ପିତ ହୋଇଥିଲା। ଏହି ସମ୍ମିଳନୀରେ ପୁସ୍ତକର ଲେଖକ ଡ ଚୌଧୁରୀ ନିଜର ବକ୍ତବ୍ୟ ମାଧ୍ୟମରେ ସାଇଙ୍କର ଅନୁଭୂତି ସମ୍ପର୍କିତ ଅନେକ ତଥ୍ୟ ଏବଂ ତତ୍ତ୍ୱ ଭକ୍ତମାନଙ୍କ ପାଖରେ ଉପସ୍ଥାପନ କରି ଆମର ପ୍ରିୟ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ସହିତ ସଦଗୁରୁ ସାଇରାମଙ୍କ ତତ୍ତ୍ୱକୁ ବ୍ରହ୍ମତତ୍ତ୍ୱ ଏବଂ ଗୁରୁତତ୍ତ୍ୱ ମାଧ୍ୟମରେ ସମ୍ମିଳିତ କରି ଉପସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥି ସାଇବାବାଙ୍କର ଦିବ୍ୟ କରୁଣା ଏବଂ ଅଲୌକିକ କାହାଣୀ ଉପରେ ନିଜର ମନ୍ତବ୍ୟ ଦେଇଥିଲେ। ଏହି ସମ୍ମିଳନୀରେ ପ୍ରାୟ ସମସ୍ତ ସାଇ ମନ୍ଦିର ପ୍ରତିଷ୍ଠାତା ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ। ସେମାନେ ବି ନିଜର ଅନୁଭୂତି ସମ୍ପର୍କରେ ତଥ୍ୟ ଏବଂ ସୂଚନା ଭକ୍ତମାନଙ୍କ ପାଖରେ ଉପସ୍ଥାପନା କରିଥିଲେ।

# ଅଟୋ-କାର୍ ଧକ୍କା : ୩ ମୃତ, ୩ ଗୁରୁତର

**ଅନୁଗୁଳ,୬/୯ ନ୍ୟୁଜ ବ୍ୟୁରୋ**

ଅନୁଗୁଳ ସହର ଉପକଣ୍ଠ ଖଣ୍ଡହତା ବ୍ରିଜ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଟୋ-କାର୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ଅଟୋକୁ ଘୋଷାଡି ନେଇଛି କାର୍। ଘଟଣାସ୍ଥଳରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବଂଶୀଧର ସେଠୀ, କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି (୩୦) । ଗୁରୁତରମାନେ ହେଲେ ସୁନିତା ସେଠୀ (୩୦), ସାଇ ସେଠୀ (୧୨) ଓ ବିଶ୍ୱଜିତ୍। ବାଲିମି ଥାନା ଅନ୍ତର୍ଗତ କାରନ୍ଦା ଅଞ୍ଚଳର ବଂଶୀଧର ସେଠୀଙ୍କ ଦେହ ଖରାପ ଥିଲା। ଅନୁଗୁଳ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଏକ ଅଟୋ ଯୋଗେ ବଂଶୀଧର ତାଙ୍କ ସ୍ତ୍ରୀ କମଳା ସେଠୀ, ବୋହୂ ସୁନିତା ସେଠୀ ଏବଂ ପୁଅ ସାଇ ସେଠୀଙ୍କ ସହ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତରଖାନାରେ ଦେହ ଦେଖାଇବା ପରେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ କାରନ୍ଦା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋର ଧକ୍କା ହୋଇଥିଲା। ଦୁର୍ଘଟଣା ଏପରି ଥିଲା ଯେ ଅଟୋଟି କାର୍ ତଳେ ଚାପି ହୋଇ ରହି ଯାଇଥିଲା। ଏଥିରେ ବଂଶୀଧର ସେଠୀ, ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ବୋହୂ ସୁନିତା ସେଠୀ ଏବଂ ସାଇ ସେଠୀ ଗୁରୁତର ହୋଇଥିଲେ। ଏପଟେ କାର ମାଲିକ ଗୁରୁତର ଥିବା ବେଳେ କାର୍ ଚାଳକଙ୍କର କୌଣସି ସୂଚନା ମିଳିନାହିଁ।

**ପ୍ରକାଶ ପାଇବାକୁ ଯାଉଛି...**

**'କଥାକଳିକା'ର ମହାପୂଜା ସଂଖ୍ୟା ସେପ୍ଟେମ୍ବର-୨୦୨୫**




**ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...**

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।
**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।
**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।
**ଏବଂ ଶେଷରେ....**
**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ହୀରାକୁଦ ପାଣିରେ ବୁଡ଼ିଲା ବ୍ରିଜ : ସମ୍ବଲପୁର-ସୋନପୁର ଯୋଗାଯୋଗ ବିଚ୍ଛିନ୍ନ

**ସମ୍ବଲପୁର, ୬/୯ ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳ ଭଣ୍ଡାରେ ବର୍ତ୍ତମାନ ୪ ଫାଟକ ବନ୍ଦ କରାଯାଇଥିବା ବେଳେ ୨୦ଟି ଗେଟ୍ ଦେଇ ଜଳ ପ୍ରବାହ କରୁଛି । ଏପଟେ ସମ୍ବଲପୁର ଧନୁପାଲିରୁ ସୋନପୁର ଓ ବଲାଙ୍ଗୀରକୁ ସଂଯୋଗ କରୁଥିବା ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜ୍ୟ ରାଜପଥର ଗୁଣ୍ଡେରପୁର ବ୍ରିଜ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ସେପଟେ ଆହୁରି ବର୍ଷା ହେଲେ, ଯଦି ପୁଣିଥରେ ହୀରାକୁଦରୁ ଅଧିକ ଗେଟ୍ ଖୋଲାଯାଏ, ତେବେ ତଳିଆ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି । ହୀରାକୁଦ ଡ୍ୟାମର ୨୪ଟି



ଗେଟ ଦେଇ ବନ୍ୟା ଜଳ ନିଷ୍କାସନ ହେଉଥିଲା । ହୀରାକୁଦ ଜଳଭଣ୍ଡାରର ଜଳ ସ୍ତର ୬୨୬.୪୧ ଫୁଟ ରହିଥିବା ବେଳେ ଉପର ମୁଣ୍ଡରୁ ହୀରାକୁଦକୁ ସେକେଣ୍ଡ ପ୍ରତି ୩,୮୬,୦୨୮ କ୍ୟୁସେକ ବନ୍ୟା ଜଳ ପ୍ରବେଶ କରୁଛି । ଅପରପକ୍ଷରେ ହୀରାକୁଦ ଡ୍ୟାମରୁ ୨୪ଟି ଗେଟ୍ ଜରିଆରେ ମହାନଦୀକୁ ସେକେଣ୍ଡ ପ୍ରତି ୪,୨୪,୧୪୭ କ୍ୟୁସେକ ବନ୍ୟା ଜଳ ନିଷ୍କାସନ ହେଉଥିଲା । ଏବେ ୪ଟି ଗେଟ୍ ବନ୍ଦ କରାଯାଇଛି। ଫଳରେ ବର୍ତ୍ତମାନ ୨୦ଟି ଫାଟକ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଏଭଳି ସ୍ଥିତିରେ ହୀରାକୁଦର ତଳ ମୁଣ୍ଡରେ ଥିବା ସମ୍ବଲପୁର ସହରରେ ବନ୍ୟା ପରିସ୍ଥିତି ନଥିବା ବେଳେ ସମ୍ବଲପୁର ଧନୁପାଲିରୁ ସୋନପୁର ଓ ବଲାଙ୍ଗୀରକୁ ଯୋଗାଯୋଗ କରୁଥିବା ରାଜ୍ୟ ରାଜପଥର ଗୁଣ୍ଡେରପୁର ବ୍ରିଜ ଉପରେ ଅଧଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ଗାଡି ମୋଟର ଚଳାଚଳ ପ୍ରଭାବିତ ହୋଇଛି। ମାନେଶ୍ୱରରୁ ସୋନପୁର ବଲାଙ୍ଗୀର ରାସ୍ତା ଦେଇ ଗାଡି ମୋଟର ଚଳାଚଳ ହେଉଛି ।

ଅନ୍ୟପଟେ ବିପଦଶଂକୁଳ ଅବସ୍ଥାରେ ଲୋକେ ଗୁଣ୍ଡେରପୁର ବ୍ରିଜ ଉପରେ ଯାତାୟାତ କରୁଛନ୍ତି । ଏହି ବ୍ରିଜ ପାର୍ଶ୍ୱରେ ଅନ୍ୟ ଏକ ନୂଆ ବ୍ରିଜ ନିର୍ମାଣଧୀନ ଥିବା ବେଳେ ଏହାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଲୋକେ ଦାବି କରିଛନ୍ତି । ଗୁଣ୍ଡେରପୁରର ଏହି ପୁରୁଣା ବ୍ରିଜର ଉଚ୍ଚତା କମ ଥିବାରୁ ହୀରାକୁଦ ଡ୍ୟାମରୁ ୨୩ଟି ଗେଟରୁ ଅଧିକ ଖୋଲିଲେ ବ୍ରିଜ ଉପରେ ବନ୍ୟା ପାଣି ପ୍ରବାହିତ ହୋଇଥାଏ । ଶୁକ୍ରବାର ୨୪ ଗେଟ ଖୋଲିଥିବାରୁ ଅଧିକ ପାଣି ପ୍ରବାହିତ ହୋଇଥିଲା । ଏନେଇ ସ୍ଥାନୀୟ ଲୋକ କହିଛନ୍ତି, 'ପ୍ରାୟତଃ ପ୍ରତିବର୍ଷ ମହାନଦୀରେ ଅଧିକ ଗେଟ ଖୋଲିଲେ, ଗୁଣ୍ଡେରପୁର ବ୍ରିଜ ବନ୍ୟା ପାଣିରେ ବୁଡ଼ିଯାଏ । କାରଣ ବ୍ରିଜଟି ତଳୁଆ ରହିଛି । ନୂଆ ବ୍ରିଜର କାମ ଚାଲିଛି। ଯଦି ବ୍ରିଜର କାମ ଶୀଘ୍ର ଶେଷ କରାଯାଏ ତେବେ ଏହି ସମସ୍ୟା ଦୂର ହୋଇପାରିବ ।'